

" ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



**ସଂକ୍ଷେପରେ**

## ପିପିଲି ଫ୍ଲାଇଂ ସ୍କ୍ୱାଡ୍ ମାଡ଼ ଘଟଣା, ୨ ଅଟକ

**ପୁରୀ ଅଫିସ,୨୬।୪:** ଇଲେକ୍ସନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟଙ୍କୁ ମାଡ଼ ମାରିବା ଘଟଣାରେ ପିପିଲି ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଘଟଣା ଦିନ ସେମାନଙ୍କ ସହିତ ଅନ୍ୟ କେଉଁମାନେ ଥିଲେ, ଘଟଣାର ସମ୍ପୂର୍ଣ୍ଣ ରୂପରେଖ କ'ଣ ଥିଲା ପୋଲିସ ଏ ନେଇ ସମ୍ପୃକ୍ତ ଦୁଇଜଣଙ୍କୁ ପଚରାଉଚରା କରୁଛି। ଫାର୍ମ ହାଉସ୍‌ରେ ଆଉ କେଉଁମାନେ ଥିଲେ, ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ କ'ଣ ଚାଲିଥିଲା ବୋଲି ପୋଲିସ ଅଟକଙ୍କୁ ପଚରାଉଚରା କରିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ପିପିଲି ବିଧାୟକ ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଫାର୍ମ ହାଉସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଅଧିକାରୀମାନେ ଚଢ଼ାଉ କରିଥିଲେ। ମହାରଥୀ ନିଜେ ସେମାନଙ୍କୁ ମାଡ଼ ମାରିଥିବା ନେଇ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ରବି ନାରାୟଣ ପାତ୍ର ଅଭିଯୋଗରେ ଦର୍ଶାଇଥିଲେ। ଏହି ଘଟଣାରେ ପିପିଲି ବିଜେଡି ବିଧାୟକ ପ୍ରାର୍ଥୀ ମହାରଥୀ ୨୨ ତାରିଖରେ ଗିରଫ ହୋଇଥିଲେ।

**୩୦ରେ ଛତିଶା ନିଯୋଗ**

## ମେ' ୬ରେ ପରିଚାଳନା କମିଟି ବୈଠକ

**ପୁରୀ ଅଫିସ,୨୬।୪:** ଆସନ୍ତା ମେ ୭ ତାରିଖରେ ଚନ୍ଦନଯାତ୍ରା। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଗତ ୧୮ ତାରିଖରେ ନୀତି ସବ୍‌କମିଟି ବୈଠକରେ ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ଅନୁମୋଦନ ହୋଇଥିଲା। ଆସନ୍ତା ୩୦ ତାରିଖରେ ଛତିଶା ନିଯୋଗ ବୈଠକରେ ଏହି ନୀତିକୁ ଅନୁମୋଦନ କରାଯିବ। ଏହାପରେ ମେ ୬ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସି ଚନ୍ଦନଯାତ୍ରା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏଥିସହ ବୈଠକରେ ମଧ ଚନ୍ଦନଯାତ୍ରା ନୀତିକୁ ଅନୁମୋଦନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ଠାକୁରଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ସେଥିପାଇଁ ସମ୍ପୃକ୍ତ ସେବକଙ୍କ ସହ ପୂର୍ବରୁ ଆଲୋଚନା କରାଯାଇଛି। ସମସ୍ତେ ଏଥିରେ ସହମତି ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ପୁରୀ ଅଫିସ,୨୬।୪:** ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ବାଲିସାହିର ମିନିକା ପୃଷ୍ଟି। ପରିବାର ଲୋକେ ଏଥିପାଇଁ ସଂପୃକ୍ତ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏ ନେଇ ଏଡିଏମ୍‌ଓ(ମେଡିକାଲ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

■ ସାହସିକତା, ଉତ୍ତମ ସେବା ପ୍ରଦାନ

# ୧୯ ଜଣଙ୍କୁ ସମ୍ମାନିତ କଲେ କମିଶନର

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

କମିଶନରେଟ୍ ମୁଖ୍ୟାଳୟରେ ଶୁକ୍ରବାର ରାଜଧାନୀରେ ଲୁଟେରା, ଅପରାଧୀଙ୍କୁ କାବୁ କରିବାରେ ସାହସିକତା ପ୍ରଦର୍ଶନ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପୋଲିସ ଏବଂ ସାଧାରଣ ନାଗରିକଙ୍କୁ ସମ୍ମାନିତ କରିଛନ୍ତି। ପୋଲିସକୁ ସହଯୋଗର ହାତ ବଢାଉଥିବା ସାଧାରଣ ଜନତା, କର୍ତ୍ତବ୍ୟ ପରାୟଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହା ଅଧିକ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

ଫେବୃୟାରୀ ୧୪ରେ ବଡଗଡ ଥାନା ଅଞ୍ଚଳରେ ସଂଘମିତ୍ରା ମହାନ୍ତିଙ୍କ ଘରୁ ସୁନା ଅଳଙ୍କାର ଲୁଟ୍ ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସାମଗ୍ରୀ ଜବତ କରିଥିଲା। ଏଥିସହ ଡକାୟତି ଉଦ୍ୟମ ବେଳେ ଦୁଇଟି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ତିନୋଟି ଘଟଣାରେ ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ର, ଜୋନ ୪ ଏସିପି ଅମରେନ୍ଦ୍ର ପଣ୍ଡା, ବଡଗଡ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ଏବଂ ଏସ୍‌ଆଇ ସୁବ୍ରତ କୁମାର ଦାସ, ସଞ୍ଜିତ କୁମାର ବେହେରା, ସରିତା ଶତପଥୀ ଏବଂ ହାବିଲଦାର ପ୍ରଭାକର ଆଚାର୍ଯ୍ୟ, କନଷ୍ଟେବଲ ରାଜୀବ କୁମାର ନାୟକ, ଓଏପିଏଫ ଶ୍ରୀକୁମାର ଶିବ ଶଙ୍କରଙ୍କୁ କମିଶନର ମିମେଣ୍ଟୋ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।



ଫୋନିକ୍ସ ସେବା ଅର୍ଗାନାଇଜେଶନର ୩ ସଦସ୍ୟଙ୍କୁ ପୋଲିସ କମିଶନର ସମ୍ମାନିତ କରୁଛନ୍ତି।

ସେହିପରି ୨୩ ତାରିଖରେ ଖାରବେଳନଗର ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ରାଜସ୍ଥାନର ମହିଳାଙ୍କଠାରୁ ଜଣେ ଲୁଟେରା ବାଇକ୍‌ରେ ଆସି ଭ୍ୟାନିଟି ବ୍ୟାଗ ଲୁଟ୍ କରି ପଳାଇ ଯାଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ୩ ଜଣ ଯୁବକ ଲୁଟେରାଙ୍କୁ ପିଛା କରି ରବି ଟକିଜ୍ ନିକଟରେ କାବୁ କରିଥିଲେ। କାବୁ କରିଥିବା ଯୁବକଙ୍କୁ ଲୁଟେରା ଜଣକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କ ନିକଟରୁ ମହିଳାଙ୍କ ଲୁଟ୍ ସାମଗ୍ରୀକୁ ଯୁବକମାନେ ଉଦ୍ଧାର କରିଥିଲେ। ଏହି ଘଟଣାରେ ପୋଲିସକୁ ସହଯୋଗର ହାତ ବଢାଇଥିବା ୩ ଯୁବକଙ୍କୁ ପୋଲିସ କମିଶନର ମିମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଛି। ସେମାନେ ହେଲେ ଫୋନିକ୍ସ ସେବା ଅର୍ଗାନାଇଜେଶନ ସଦସ୍ୟ ବିନୋଦ କୁମାର ପଲେଇ, ସୁମିତ କୁମାର ରାଉତରାୟ ଏବଂ ସିଭିଲ ଇଞ୍ଜିନିୟର ରବି ନାରାୟଣ ବେହେରା।

ଗୁରୁବାର ରାତିରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଗାଡିରେ ତେଲ ସରିଯିବା ବାହାନାରେ ଲୋକଙ୍କୁ ଅଟକାଇ ମାରଧର କରି ଲୁଟ୍ ଉଦ୍ୟମ ବେଳେ ପିସିଆର ୩ ଅଭିଯୁକ୍ତଙ୍କୁ ଗୋଡାଇ ଧରିବା ସହ ବାଇକ୍ ଜବତ କରିଥିଲା। ସେମାନେ ହେଲେ କଟକ ଚୌଧୁରୀବଜାର ଅଞ୍ଚଳର ମୁନା ଦାସ, ଶେଖର ନାୟକ ଏବଂ ବର୍ଷି ଘଡେଇ। ଏହି ଘଟଣାରେ ଇନଫୋସିଟି ପିସିଆର ୨୨ର ହାବିଲଦାର ସନ୍ତୋଷ କୁମାର ବେହେରା, ଓଏପିଏଫ ପ୍ରଶାନ୍ତ ନାୟକ ଏବଂ ଡ୍ରାଇଭର ମାନସ ଭୋଇଙ୍କୁ ମଧ୍ୟ କମିଶନର ମିମେଣ୍ଟୋ ପ୍ରଦାନ କରାଯାଇଛି। ସେହିପରି ଖଣ୍ଡଗିରି ଥାନା ଅଧୀନ ଆଇଗେଣିଆ ଅଞ୍ଚଳରେ ହାଇୱେରେ ପାର୍କିଂ ହେଉଥିବା ଟ୍ରକ ଏବଂ ଭାରିଯାନ ସବୁରୁ ଲୁଟପାଟ୍‌ରେ ସମ୍ପୃକ୍ତ ୪ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ବୁଧବାର ରାତିରେ ଆଇଗଣିଆ ଛକ ନିକଟରେ ଗୋଟିଏ ଟ୍ରକରୁ ଲୁଟପାଟ୍ କରୁଥିବା ବେଳେ ପିସିଆର ୧୬ ପାଟ୍ରୋଲିଂ ବେଳେ ଦୁଇଜଣ ଅଭିଯୁକ୍ତଙ୍କୁ ଗୋଡାଇ କାବୁ କରିବା ସହ ତଦନ୍ତ ପରେ ଆଉ ୪ ଜଣ ଅଭିଯୁକ୍ତଙ୍କୁ ସମ୍ପୃକ୍ତି ନେଇ ଗିରଫ କରାଯାଇଥିଲା। ସେମାନେ ହେଲେ ବାଲିପାଟଣା ଅଞ୍ଚଳର ପ୍ରଭୁଦତ୍ତ ତ୍ରିପାଠୀ, ଖଣ୍ଡଗିରି ଅଞ୍ଚଳର ଦେବୀ ପ୍ରସାଦ ଜେନା, ଦୀପକ ସାହୁ, ଏୟାରଫିଲ୍ଡ ଥାନା ଅଞ୍ଚଳର ସନାତନ ବେହେରା, ରାଜେଶ ବେହେରା ଏବଂ ବାଲେଶ୍ୱର ଅଞ୍ଚଳର ଦୀପକ କୁମାର ଦାସ। ଏହି ଘଟଣାରେ ଖଣ୍ଡଗିରି ଥାନା ୧୬ ନଂ. ପିସିଆରରେ ଡ୍ୟୁଟିରେ ଥିବା ଏସପିଓ ଏସ୍‌ଆଇ ହେମନ୍ତ କୁମାର ମହାନ୍ତି, ଓଏପିଏଫ ମୁକୁନ୍ଦ ନିଳା ଏବଂ ହୋମଗାର୍ଡ ସଞ୍ଜୟ କୁମାର ପ୍ରଧାନ ଏବଂ ସୁଦୀପ୍ତ କୁମାର ପ୍ରଧାନଙ୍କୁ ପୋଲିସ କମିଶନର ମିମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଛନ୍ତି।

**ଲୁଟ ଉଦ୍ୟମ, ଦୁଇଦିନରେ ୯ ଅଭିଯୁକ୍ତ ଗିରଫ**

■ ଯାଞ୍ଚ ହେଲା ଗୁଣ୍ଡିଚା ମନ୍ଦିର

# ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ କାମ ସରିବ

ପୁରୀ ଅଫିସ, ୨୬।୪

ଆସନ୍ତା ଜୁଲାଇ ୪ ତାରିଖରେ ରଥଯାତ୍ରା। ନବଦିନାତ୍ମକ ଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିବେ ମହାପ୍ରଭୁ। ତେଣୁ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ଯାଞ୍ଚ ହୋଇଛି। ସକାଳେ ମୁଖ୍ୟ ପ୍ରଶାସକଙ୍କ ସମେତ ଏକ ପ୍ରତିନିଧି ଦଳ ମନ୍ଦିରକୁ ଯାଇ ଟିକିନିଖି ଯାଞ୍ଚ କରିଛନ୍ତି। ରଥଯାତ୍ରା ପୂର୍ବରୁ ଯେପରି କୌଣସି ସମସ୍ୟା ନ ରହିବ, ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷକରି ଗତବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲା। ଗୁଣ୍ଡିଚା ମନ୍ଦିର ରୋଷଘର ଛାତରୁ ପାଣି ଗଳି କୋଠଭୋଗରେ ପଡିଥିଲା। ତେଣୁ ଏଥର ଯେପରି ସେଭଳି କୌଣସି ସମସ୍ୟା ନ ରୁହେ, ଏଥିପାଇଁ ଆଗୁଆ ପଦକ୍ଷେପ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ବିଭିନ୍ନ ବିଭାଗର ଅଧିକାରୀ, ପରିଚାଳନା କମିଟିରେ ଥିବା ସେବକ ପ୍ରତିନିଧି, ଇଞ୍ଜିନିୟର ପ୍ରମୁଖ ଶୁକ୍ରବାର ଗୁଣ୍ଡିଚା ମନ୍ଦିର ଯାଞ୍ଚ କରିଛନ୍ତି। ଆଇଟିଡିସି ପକ୍ଷରୁ ବର୍ତ୍ତମାନ ଗୁଣ୍ଡିଚା ମନ୍ଦିରରେ କାମ ଚାଲିଛି। ଆଉ କ'ଣ କେଉଁଠି ମରାମତି ଦରକାର ତାହା ଅନୁଧ୍ୟାନ କରାଯାଇଛି। ରଥଯାତ୍ରା ପୂର୍ବରୁ ସବୁ କାମ ଶେଷ ହୋଇଯିବ। ଗତବର୍ଷ ସମସ୍ୟାର ପ୍ରାୟ ସମାଧାନ ହୋଇଯାଇଛି। କିନ୍ତୁ ରୋଷଘର ଛାତକୁ ଉଚ୍ଚା କରିବା ଲାଗି ସମ୍ପୃକ୍ତ ସେବକମାନେ ଚାହୁଁଥିଲେ। ମାତ୍ର ୭ ଦିନ ପାଇଁ ଏହା କରିବା ଅସମ୍ଭବ। କାରଣ ରୋଷଘର ଛାତକୁ ଉଚ୍ଚା କରିବାକୁ ହେଲେ ଅଲଗା ଛାତକୁ ଭାଙ୍ଗିବାକୁ ପଡିବ। ଏହାର ବିକଳ୍ପ ବ୍ୟବସ୍ଥା କରିଛୁ, ସେବକମାନେ ମଧ୍ୟ ଏଥିରେ ରାଜି ହୋଇଛନ୍ତି। ୨ଟି ଚୁଲା ପୁନଃ ସ୍ଥାପନ କରାଯିବା ପରେ କୌଣସି ସମସ୍ୟା ହେବନାହିଁ ବୋଲି ସେବକମାନେ କହିଛନ୍ତି। ଏହି ଯାଞ୍ଚ ସମୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ, ସୁରକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାପାତ୍ର, ଶ୍ରୀମନ୍ଦିର ନିର୍ବାହୀଯନ୍ତ୍ରୀ ଆଶିଷ କୁମାର ସୁବୁଦ୍ଧି, ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ, ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

■ ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀ କେନାଲ ବନ୍ଧ ଭାଙ୍ଗିବା ଘଟଣା

# ଘାଇରେ ବାଲି ବସ୍ତା ପକାଇ ବାନ୍ଧିଲେ ବନ୍ଧ



ପୁରୁଣା ଭୁବନେଶ୍ୱର, ୨୬।୪(ଡି.ଏନ.ଏ.)

**ଚାଷୀଙ୍କ କ୍ଷତିପୂରଣକୁ ଭୁଲିଗଲେ**

ଡେଲାଙ୍ଗ ଡ଼ିଷ୍ଟ୍ରିବ୍ୟୁଟାରୀ ୮ ନମ୍ବର ଆଉଟଲେଟ୍‌ରେ ଏକ କେନାଲ ବନ୍ଧରେ ଗୁରୁବାର ଘାଇ ହେବାରୁ ବହୁ ଜମିରେ ପାଣି ମାଡି ଯାଇଥିଲା। ଫଳରେ ଚାଷୀଙ୍କର ରବି ଫସଲ ସବୁ ନଷ୍ଟ ହୋଇଯାଇଥିଲା। ଭାର୍ଗବୀ ସାଇଫନ୍ କନିଷ୍ଠଯନ୍ତ୍ରୀଙ୍କ ବେପରୁଆ କାର୍ଯ୍ୟକଳାପ ନେଇ ଏହି ଘଟଣା ଘଟିଲା ବୋଲି ଚାଷୀମାନେ ଦାବି କରୁଛନ୍ତି। ଅନ୍ୟପକ୍ଷେ ଏହାକୁ ବିଭାଗୀୟ ଅଧିକାରୀ ତରବରିଆ ଭାବେ ଅସ୍ଥାୟୀ ଭାବେ ବାଲି ବସ୍ତା ପକାଇ ବନ୍ଧ ବାନ୍ଧି ମରାମତି କରିଛନ୍ତି। କେନାଲରେ ଯଦି ଅଧିକ ପରିମାଣର ପାଣି ପ୍ରବାହିତ ହେବ ଏହି ବନ୍ଧକୁ ଭାଙ୍ଗି ଦେବ ବୋଲି ଚାଷୀମାନେ କହିଛନ୍ତି। ବିଭାଗୀୟ ଅଧିକାରୀମାନେ ଦିନତମାମ ବାଲିବନ୍ଧ ପକାଇ କାର୍ଯ୍ୟ କରିଥିଲେ। ହେଲେ ଚାଷୀଙ୍କ କ୍ଷୟକ୍ଷତି ଆକଳନ ପାଇଁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବା ସେମାନଙ୍କର ଦୁଃଖକୁ ଦୁଇଗୁଣା କରିଛି। ଯେଉଁଠି ପ୍ରଶାସନର ଖାମଖିଆଲ କାମ ପାଇଁ ବିଲଡ଼ରମାନଙ୍କୁ ଗ୍ରାମ୍ୟ ଜଙ୍ଗଲ, ଚକନାଳୀ, କାଡା ନାଳୀ ଭଳି ସରକାରୀ ଜମିରେ ରାସ୍ତା ନେବାକୁ ଅନୁମତି ଦିଆଯାଉଛି ସେଠାରେ ଚାଷୀଙ୍କ କ୍ଷୟକ୍ଷତି ଭରଣା କରିବାରେ ପ୍ରଶାସନ ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।



କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ଅବସରରେ ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନେ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ପାରଳା ମହାରାଜାଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀରେ ଉତ୍କଳ ସମ୍ମିଳନୀ, ପାରଳା ଗଜପତି ବିକାଶ ମଞ୍ଚ ଓ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକରେ ଥିବା ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ପାରଳା ମହାରାଜା, ମଧୁବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିତ କରିବାରେ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ୧୯୩୬ ରେ ଭାରତର ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଗଠନ ହେଲା। ସେ ରାଜ୍ୟରେ ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ ବୋଲି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ସଭାପତି ଇଂ. ବିନୋଦ ଚନ୍ଦ୍ର ପାଢୀ, ପାରଳା ବିକାଶ ମଞ୍ଚର ସଭାପତି ରାହାସ ବିହାରୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅତୁଳନୀୟ ଅବଦାନ ଥିଲା ବୋଲି ସେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ଉଷାରାଣୀ ମହାନ୍ତି, ପାରଳା ବିକାଶ ମଞ୍ଚର ସମ୍ପାଦକ ରାଜକିଶୋର ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀର ପ୍ରିୟକୃଷ୍ଣ ଦାସ, ତ୍ରିଲୋଚନ ପଣ୍ଡା, ନିଳମାଧବ ସାହୁ ପ୍ରମୁଖ ବୁଦ୍ଧିଜୀବୀ ଯୋଗଦେଇଥିଲେ। ସେମାନେ ପାରଳା ମହାରାଜଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ପରେ ବିଧାନସଭାରେ ଗଜପତିଙ୍କୁ ବିଧାନସଭା କର୍ମଚାରୀ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

## ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟଣା: କାର୍ ଚାଳକ ଗିରଫ

କଟକ ଅଫିସ୍, ୨୬।୪

କ୍ୟାଣ୍ଟନମେଣ୍ଟଠାରେ ହୋଇଥିବା ଏକ କାର ଦୁର୍ଘଟଣାରେ ମାଲଗୋଦାମ ଅଞ୍ଚଳର ମୃତ୍ୟୁଞ୍ଜୟ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ କରି କ୍ୟାଣ୍ଟନମେଣ୍ଟ ପୋଲିସ ଶୁକ୍ରବାର ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର ଅଞ୍ଚଳର ସମ୍ପଦ ପରିଡା। ଗତ ୨୧ ତାରିଖରେ ସମ୍ପଦ ଏକ କାର ଚଳାଉଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ମୃତ୍ୟୁଞ୍ଜୟ ଚଳାଉ ଥିବା ସ୍କୁଟିକୁ ଧକ୍କା ଦେଇଥିଲା। ସେଠାରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟ ଘଟିଥିବା ବେଳେ ତାଙ୍କ ସହ ସ୍କୁଟିରେ ଯାଉଥିବା ଦୁଇଜଣ ଗୁରୁତର ହୋଇଥିଲେ। ତେବେ ଉକ୍ତ କାରରୁ ୪ଟି ମଦ ବୋତଲ ସହ ଏକ ରାଜନୈତିକ ଦଳର ପତାକା ବାହାରିଥିଲା।

# ଆଇଓସିଏଲ୍ ଡିପୋ ମିଟର ୟୁନିଟ୍‌ରେ ଅଗ୍ନିକାଣ୍ଡ

ଜଟଣୀ,୨୬।୪(ଡି.ଏନ.ଏ.)

ଜଟଣୀସ୍ଥିତ ଆଇଓସିଏଲ୍(ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍) ଡିପୋ ପରିସରରେ ଥିବା ବିଦ୍ୟୁତ୍ ବିଭାଗର ମିଟରିଂ ୟୁନିଟ୍‌ରେ ଶୁକ୍ରବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପ୍ରାୟ ଏକ ଘଣ୍ଟା ନିଆଁ ଜଳିବା ଦ୍ୱାରା ନିକଟରେ ଥିବା କୁଶମାଟି, ଛଣଘର ଗ୍ରାମବାସୀ ଆତଙ୍କିତ ହୋଇ ପଡିଥିଲେ। ପ୍ରଥମେ ଡିପୋ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଆଇଓସିଏଲ୍‌ର ଅଧିକାରୀମାନେ ଏହା ଉପରେ ଗଣମାଧ୍ୟମକୁ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ। ଏ ନେଇ ଜଟଣୀ ସେସୁର ଆସିଷ୍ଟାଣ୍ଟ ଇଞ୍ଜିନିୟର ଏସ୍. ତ୍ରିପାଠୀ ପଚାରିବାରେ ଶର୍ଟସର୍କିଟ୍ ଯୋଗୁ ଏପରି ଅଗ୍ନିକାଣ୍ଡ ଘଟି ଥାଇ ପାରେ ବୋଲି ସେ କହିଥିଲେ।




**ରାଜଧାନୀ ମାତିଲେ ଲୁଟେରା**

# ୨ ରେଳ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍

**ଭୁବନେଶ୍ୱର,୨୬।୪(ବ୍ୟୁରୋ)–** ରାଜଧାନୀରେ ନିଶା ଦେଇ ଲୁଟ୍ କରୁଥିବା ଲୁଟେରା ମାତିଛନ୍ତି। ପୋଲିସ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଦିନକୁଦିନ ଭୁବନେଶ୍ୱର ରେଳ ଷ୍ଟେଶନରେ ଲୁଟ୍ ବଢି ଚାଲିଛି। ଗତ ୩ ମାସ ଭିତରେ ଲୁଟେରାମାନେ ପ୍ରାୟ ୩୫ ଜଣ ବ୍ୟକ୍ତିଙ୍କୁ ନିଶା ଦେଇ ଲୁଟ୍‌ପାଟ୍ କରି ସାରିଲେଣି। ବିଶେଷ କରି ଏହି ନିଶା ଦିଆ ଲୁଟେରାଙ୍କ ସହଯୋଗ କରୁଛନ୍ତି ରେଳ ଷ୍ଟେଶନରେ କେତେଜଣ ଅଟୋ ଡ୍ରାଇଭର ଏବଂ ମେଡିସିନ୍ ଦୋକାନ। ନିଶା ଔଷଧ ଡାକ୍ତରଙ୍କ ବିନା ପରାମର୍ଶରେ କାହାକୁ ଦିଆଯିବ ନାହିଁ ବୋଲି କଡା ନିୟମ ରହିଛି। କେତେ ଗୋଟି ମେଡିସନ୍ ଦୋକାନ ଲୋଭରେ ଲୁଟେରାଙ୍କୁ ଏହି ନିଶା ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ରେଳ ଷ୍ଟେଶନରେ ଦୁଇଜଣ ଯାତ୍ରୀଙ୍କୁ ନିଶାଦିଆ ଲୁଟେରା ଟାର୍ଗେଟ କରି ଲୁଟପାଟ୍ କରିଛନ୍ତି। ଗୁରୁବାର ବାଙ୍ଗାଲୋରରୁ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଫେରୁଥିବା ବେଳେ ଶୁକ୍ରବାର ସକାଳେ ରେଳ ଷ୍ଟେଶନରେ ଲୁଟେରାମାନେ ସେମାନଙ୍କ ସହ କଥା ବାର୍ତ୍ତା ହୋଇଥିଲେ। ପରେ ଯାତ୍ରୀଦ୍ୱୟଙ୍କୁ ଚା'ରେ ନିଶା ଟାବଲେଟ ପକାଇ ପିଇବାକୁ ଦେଇ ଲୁଟ୍ କରିଥିଲେ। ଲୁଟ୍‌ର ଶିକାର ହୋଇଛନ୍ତି ଭଦ୍ରକର ଅଶୋକ ନାୟକ ଓ କେନ୍ଦୁଝରର ରାକେଶ ବେହେରା। ଉଭୟ ଚା' ପିଇବା ପରେ ଚେତା ହରାଇଥିଲେ। ଦୁଇ ଲୁଟେରା ତାଙ୍କୁ ଅଟୋରେ ବସାଇଥିଲେ। ଅଟୋ ଭିତରେ ଲୁଟ୍‌ପାଟ କରି ରାଜମହଲ ନିକଟରେ ଏକ ଅନ୍ଧାରୁଆ ସ୍ଥାନରେ ଫିଙ୍ଗି ଚାଲି ଯାଇଥିଲେ। ସେମାନେ ରାଜମହଲ ନିକଟରେ ପଡିଥିବାରୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ସେମାନଙ୍କୁ ପିସିଆର ଭ୍ୟାନ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେମାନଙ୍କ ଚେତା ଫେରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ଯାତ୍ରୀ ଦ୍ୱୟ ବାଙ୍ଗଲୋରରେ ମାର୍ବଲ ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଉଭୟଙ୍କଠାରୁ ୨୦ହଜାର ଟଙ୍କା, ମୋବାଇଲ୍ ଓ ଅନ୍ୟ ସାମଗ୍ରୀ ଲୁଟି ହୋଇଥିବା ଅଶୋକ ଓ ରାକେଶ କହିଛନ୍ତି। ସେମାନେ ଘରକୁ ଯିବାକୁ ବ୍ୟସ୍ତ ଥିବାବେଳେ ଥାନାରେ ଅଭିଯୋଗ କରି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।




ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବିରେ କୋର୍ଟ ପରିସରରେ ବାର ଆସୋସିଏଶନ ପକ୍ଷରୁ ଶୁକ୍ରବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

# ଲିଫ୍ଟ ମାଗି ବାଇକ୍ ଚାଳକଙ୍କଠାରୁ ଲୁଟ୍, ୩ ଗିରଫ

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ବେକରେ ଛୁରି ଲଗାଇ ଲୁଟ୍ କରିବା ଘଟଣାରେ ଇନ୍‌ଫୋସିଟି ଥାନା ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଏକ ଛୁରି, ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଚୌଧୁରୀବଜାର ମଠସାହିର ବର୍ଷି ଘଡେଇ(୧୯), ମୁନା ଦାସ(୨୦) ଓ ଶେଖର ନାୟକ(୨୨)। ଏ ନେଇ ପୋଲିସ ଦଫା ୩୯୨ରେ ନଂ. ୮୬/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଗୁରୁବାର ରାତି ପ୍ରାୟ ୧୨ଟାରେ ୩ଜଣ ଦୁର୍ବୃତ୍ତ ନନ୍ଦନବିହାର ଛକ ନିକଟରେ ବାଇକ୍ ଖରାପ ହୋଇଥିବା ଅଭିନୟ କରିଥିଲେ। ଏହି ସମୟରେ ଜଣେ ବାଇକ୍ ଚାଳକ୍ ସେହି ବାଟ ଦେଇ ଯିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଲିଫ୍ଟ ମାଗିଥିଲେ। ପରେ ଉକ୍ତ ବାଇକ୍ ଚାଳକ ଜଣଙ୍କ ସେଠାରେ ରହିବା ପରେ କ'ଣ ହୋଇଛି ବୋଲି ପଚାରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ କୌଶଳକ୍ରମେ ବାଇକ ଚାଳକଙ୍କ ବେକରେ ଛୁରି ଲଗାଇ ଏକ ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଚନ୍ଦ୍ରଶେଖର ଥାନା ଅଭିମୁଖେ ଦ୍ରୁତଗତିରେ ଯାଇଥିଲେ। ଲୁଟର ଶିକାର ହୋଇଥିବା ବାଇକ୍ ଚାଳକ ଜଣଙ୍କ ବୁଦ୍ଧି ଖଟାଇ ତୁରନ୍ତ ପୋଲିସ ସହାୟତା ୧୦୦ ନଂ. କୁ ଫୋନ୍ କରିଥିଲେ। କଣ୍ଟ୍ରୋଲ ରୁମ୍ ପିସିଆର ୨୨କୁ ଜଣାଇ ଦେଇଥିଲା। ପିସିଆର ୨୨ର ପୋଲିସ କର୍ମଚାରୀମାନେ ଦୁର୍ବୃତ୍ତଙ୍କ ପିଛା କରି ସେମାନଙ୍କୁ ଜାଭିୟର ଛକ ନିକଟରେ କାବୁ କରିଥିଲେ। ସେମାନଙ୍କଠାରୁ ବାଇକ୍, ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲେ। ଏହି ଗ୍ୟାଙ୍ଗ୍ କଟକରେ ପ୍ରାୟ ସକ୍ରିୟ ରହିଥିଲେ। ବିଶେଷକରି ସେମାନେ ରାତିରେ ଭୁବନେଶ୍ୱର ଆସି ଲୁଟପାଟ୍ କରନ୍ତି। ଗ୍ୟାଙ୍ଗ୍‌ର ଲିଡର ଶେଖର ନାୟକ। ତାଙ୍କ ନାମରେ ପୁରୀଘାଟ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ଭୁବନେଶ୍ୱରରେ କେଉଁ କେଉଁ ଲୁଟ୍‌ରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



ଜବତ ଟଙ୍କା ସହ ଗିରଫ ଅଭିଯୁକ୍ତମାନେ।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ ମୁରୁଦାବାଦ ଗ୍ରାମର ସତ୍ୟାନନ୍ଦ ମିଶ୍ରଙ୍କ ପୁଅ ଦିପ୍ତୀରଞ୍ଜନ ମିଶ୍ର(୩୦)ଗୁରୁବାର କୌଣସି କାରଣରୁ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସେଠାରେ ତାଙ୍କର ତାଙ୍କର ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ହେଲା ତାହା ଜଣା ପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସେ ମଦ ସହ ବିଷ ମିଶାଇ ପିଇ ଦେଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର



**ବାଙ୍କୀ,୨୬।୪(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଢଁସର ପଞ୍ଚାୟତ କାର୍ଯ୍ୟାଳୟଠାରେ ଜେପିଏମ ରୋଟାରି ଚକ୍ଷୁ ଚିକିତ୍ସାଳୟ, ସାପ୍ତାହିକ ଖବରକାଗଜ ଭୋକିଲାପେଟ ଓ ଲୋକ ବିକାଶ ଫାଉଣ୍ଡେଶନ୍ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରଶାନ୍ତ ମହାନ୍ତି, ମନସ୍ୱିନୀ ଦାସ, ଶାନ୍ତିଲତା ଦାସ, ସଞ୍ଜୀବ ମହାପାତ୍ର, ସୁଧାଂଶୁ ପଟ୍ଟନାୟକ, ଦାମୋଦର ଗୋଛି ପ୍ରମୁଖ ଯୋଗଦେଇ ୭୨ଜଣ ରୋଗୀଙ୍କୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୨୭ଜଣଙ୍କୁ ଅପରେସନ୍ ପାଇଁ ଚିହ୍ନଟ କରାଯାଇ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଭୋକିଲା ପେଟ ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ ଶିବିରକୁ ଉଦ୍‌ଘାଟନଦ କରିଥିଲେ। ସହ ସମ୍ପାଦକ ସୁଦର୍ଶନ ସାହୁ ଶିବିର ପରିଚାଳନା କରିଥିଲେ। ବାଙ୍କନିଧି ଜେନା, ନାରାୟଣ ପ୍ରଧାନ, ଅପର୍ତ୍ତି ସ୍ୱାଇଁ, ତ୍ରିନାଥ ପ୍ରଧାନ, ମାୟାଧର ବେହେରା ସହଯୋଗ କରିଥିଲେ। ଖବରଦାତା ସୁଭେନ୍ଦୁ ମହାପାତ୍ର, ସତ୍ୟଭାମା ସୁବୁଦ୍ଧି ଓ ମୃତ୍ୟୁଞ୍ଜୟ ପ୍ରଧାନ ଉପସ୍ଥିତ ରହି ରୋଗୀଙ୍କ ସେବାକରିବା ସହ ପାନୀୟ ଜଳ ଯୋଗାଇଥିଲେ।

### ବଡ଼ମ୍ବା ଉପକାରାଗାରରେ ସଚେତନତା ଶିବିର



**ବଡ଼ମ୍ବା,୨୬।୪(ଡି.ଏନ.ଏ.):** ବଡ଼ମ୍ବା ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଶୁକ୍ରବାର ବଡ଼ମ୍ବା ଉପକାରାଗାରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା କମିଟି ଅଧକ୍ଷ ତଥା ବଡ଼ମ୍ବା ଜେଏମ୍‌ଏଫସି ରଜତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ପାଦକ ପରେଶ ମହାନ୍ତି, ପୂର୍ବତନ ସଭାପତି ହରିହର ବଳବନ୍ତରାୟ, ପୂର୍ବତନ ଫ୍ରଣ୍ଟ ଅଫିସ୍ ଲିଗାଲ ରିଟେନର ନାରାୟଣ ଦାଶ ଓ ସୁଦାମ ନାୟକ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ଚରିତ୍ର ପରିବର୍ତ୍ତନ ପାଇଁ ବହୁ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଆଇନସେବା କମିଟି ଅଧକ୍ଷ ପଣ୍ଡା ଅନ୍ତେବାସୀଙ୍କ ପାଇଁ ଥିବା ବିଭିନ୍ନ ଆଇନ ସହାୟତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏପରି କି ନିଜ ଭୁଲ୍‌କୁ ସଂଶୋଧନ କରିବା ସହିତ ଭଲ ମଣିଷଟିଏ ହେବା ପାଇଁ ଚେଷ୍ଟା କରିବାକୁ ଉପସ୍ଥିତ ସମସ୍ତ ଅନ୍ତେବାସୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀଙ୍କ ସମେତ ଉପକାରାଗାର କର୍ମଚାରୀ ଉପସ୍ଥିତ ଥିଲେ।

■ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଜମୁଛି ପ୍ରଚାର

# ତାତିକୁ ନାହିଁ ଖାତିର





ମାହାଙ୍ଗାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା, ଭାଜପା ପ୍ରାର୍ଥୀ ସାରଦା ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ପ୍ରଚାର କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୯ରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ପ୍ରଚାର ସମୟ ସରି ଆସୁଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ତାତିକୁ ଖାତିର ନ କରି ସବୁ ଦଳ ପ୍ରଚାରରେ ଲାଗି ପଡ଼ିଛନ୍ତି। ଫଳରେ ପ୍ରଚାର ବେଶ୍ ଜମୁଛି। ପ୍ରାର୍ଥୀ ନିଜର ସମର୍ଥନ ପାଇବା ପାଇଁ ବିଭିନ୍ନ ରଣକୌଶଳ ଆରମ୍ଭ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଯଦିଓ ୧୦ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି, ତଥାପି ୩ ଦଳର ପ୍ରାର୍ଥୀ ପ୍ରଚାର ପ୍ରସାର କ୍ଷେତ୍ରରେ ଆଗରେ ରହିଛନ୍ତି। ଗାଁଗାଁରେ ଭୋଜିଭାତ ଆୟୋଜନ କରାଯିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଚାରିଆଡ଼େ ପୋଷ୍ଟର ବ୍ୟାନର ଛାଇ ହୋଇଛି। ଏପରି କି ପ୍ରତି ଗାଁ ମୁଣ୍ଡରେ ବିଭିନ୍ନ ଦଳର ପଞ୍ଚାୟତ ପ୍ରତିନିଧିମାନେ ପଇଁତରା ମାରୁଥିବା ଦେଖିବାକୁ ମିଳୁଛି। କିପରି ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଅଧିକ ଭୋଟ ଆସିବ ସେନେଇ ସେମାନେ ଉଦ୍ୟମ ଚଳାଇଛନ୍ତି। ବିଜେଡି ପ୍ରାର୍ଥୀ ପ୍ରତାପ ଜେନା ମାରାଥନ କର୍ମୀ ସମାବେଶ କରିବା ସହ ମହିଳା ଭୋଟରଙ୍କୁ ହାତେଇବା ପାଇଁ ମହିଳା ସମାବେଶ ଓ ମହିଳାଙ୍କ ଦ୍ୱାରା ହୋମ କ୍ୟାମ୍ପେନ ଚଳାଇଛନ୍ତି। ସେହିପରି ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ପାଇଁ ସିନେତାରକାଙ୍କ ସହ ଶୋଭାଯାତ୍ରାର ଆୟୋଜନ କରିଛନ୍ତି। ସେପଟେ ସବୁ ବର୍ଗର ଭୋଟରଙ୍କୁ ହାତେଇବା ସହ ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ଦଳୀୟ କର୍ମକର୍ତ୍ତା ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ସେହିପରି ଭାଜପା ମଧ୍ୟ ପଛରେ ପଡ଼ିନାହିଁ। ଭାଜପା ପ୍ରାର୍ଥୀ ଶାରଦା ପ୍ରଧାନ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସହ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଧାନ ନିଜ ସମର୍ଥକଙ୍କ ସହିତ ଘରଘର ବୁଲି ଭୋଟ ଭିକ୍ଷା କରିବା ସହ ଶାସକ ଦଳର ଅସନ୍ତୁଷ୍ଟଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ବି ଉଦ୍ୟମ ଜାରି ରଖିଛନ୍ତି। ଏଥିସହିତ ସେ ଭାଜପା ଓ ବିଜେଡିର ଅସନ୍ତୁଷ୍ଟଙ୍କୁ ନିଜର କରିବା ପାଇଁ ଫୁଲ୍ ଦମ୍‌ରେ ଲାଗି ପଡ଼ିଛନ୍ତି। ପ୍ରାର୍ଥିପତ୍ର ଦାଖଲ ଦିନ ବିଜେଡି ଓ ଭାଜପା ମଧ୍ୟରେ ହୋଇଥିବା ଅସନ୍ତୋଷ ଏବଂ ପରେ ଭାଜପା କର୍ମୀ ଗିରଫ ହେବାକୁ ନେଇ ସମଗ୍ର ନିର୍ବାଚନମଣ୍ଡଳୀରେ ରାଜନୈତିକ ଉତ୍ତେଜନା ଏବେ ବି ଲାଗିରହିଛି। ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାଣ୍ଡିଭଙ୍ଗା ଡାକ୍ତରଖାନା ନିକଟରେ ସଭାକୁ ସ୍ଥାନାନ୍ତର କରାଯିବା ଘଟଣାକୁ ଭାଜପା ରାଜନୈତିକ ଆକ୍ରୋସର ରୂପ ଦେଉଥିବା ବେଳେ ଶାସକ ବିଜେଡି ଡାକ୍ତରଖାନା ନିକଟରେ ସଭାକୁ ଆଚରଣବିଧି ଉଲ୍ଲଘଂନ ବୋଲି ଅଭିଯୋଗ କରିଛି। ବିଜେଡି ଓ ଭାଜପାର ଏହି ପ୍ରସଙ୍ଗ ମଧ୍ୟରେ କଂଗ୍ରେସ ସଂଖ୍ୟାଲଘୁ ଓ ଦଳିତ ଶ୍ରେଣୀର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବସ୍ତିରେ ବୈଠକ ଆରମ୍ଭ କରିଛି। ତେବେ ଏତେ ସବୁ ସତ୍ତ୍ୱେ ଭୋଟର କାହାକୁ ଉପଯୁକ୍ତ ପ୍ରାର୍ଥିଭାବେ ବାଛୁଛନ୍ତି ତାହାକୁ ଦେଖିବାକୁ ଏବେ ସମସ୍ତଙ୍କ ଅପେକ୍ଷା।

■ ନୂଆବାଙ୍ଗରସିଂହା ହତ୍ୟାକାଣ୍ଡ

## ଅଭିଯୁକ୍ତ ଶିକ୍ଷକ, ମହିଳା ଜେଲ ଗଲେ

**ବଡ଼ମ୍ବା,୨୬।୪(ଡି.ଏନ.ଏ.)**

ବଡ଼ମ୍ବା ଥାନା ଅଧୀନ ନୂଆ ବାଙ୍ଗରସିଂହା (ଶବରସାହି)ରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ମଞ୍ଜୁର ନ ହେବାରୁ ସେମାନଙ୍କୁ ବଡ଼ମ୍ବା ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଶିକ୍ଷକ ସତ୍ୟବାଦୀ ଦେହୁରୀ ଓ ଘଟଣାରେ ସମ୍ପୃକ୍ତ ଥିବା ମହିଳା ଝୁନୁ ଦେହୁରୀ।

ସୂଚନା ଅନୁସାରେ, ନୂଆ ବାଙ୍ଗରସିଂହା ଗ୍ରାମସ୍ଥିତ ଶବର ସାହିର ଗଗନ ବେହେରା ଓ ବେଣୁଧର ଦେହୁରୀ ପରିବାରଙ୍କ ମଧ୍ୟରେ ବୁଧବାର ଅପରାହ୍ନରେ କୌଣସି କାରଣରୁ ବଚସା ହୋଇଥିଲା। ଉକ୍ତ ବଚସା କ୍ରମେ ଉଗ୍ର ରୂପ ନେବା ସହିତ ଶେଷରେ ଗଣ୍ଡଗୋଳରେ ପରିଣତ ହୋଇଥିଲା। ବେଣୁଧର ପରିବାର ସମେତ ଅନ୍ୟମାନେ ମିଶି ଗଗନଙ୍କ ପରିବାରଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଗଗନଙ୍କ ସମେତ ତାଙ୍କ ପୁଅ, ସ୍ତ୍ରୀ ଓ ଅନ୍ୟମାନେ ଗୁରୁତର ହୋଇ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଥିଲେ। ମାତ୍ର ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଗଗନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଗଗନଙ୍କ ପୁଅ ପ୍ରଶାନ୍ତ ମାଣିଆବନ୍ଧ ଫାଣ୍ଡିରେ ବେଣୁଧର ପରିବାର ତାଙ୍କ ବାପାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ମାଣିଆବନ୍ଧ ଫାଣ୍ଡି ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଫାଣ୍ଡି ଅଧିକାରୀ ଓ ବଡ଼ମ୍ବା ଥାନା ପୋଲିସ୍ ସେହିଦିନ ବେଣୁଧରଙ୍କ ପରିବାରର ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସତ୍ୟବାଦୀ ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ଦିନିଆରୀ ହାଇସ୍କୁଲ୍‌ରେ ଶିକ୍ଷକତା କରୁଥିବା ମାଣିଆବନ୍ଧ ଫାଣ୍ଡି ତଥା ତଦନ୍ତକାରୀ ଅଫିସର ବସନ୍ତ ଶତପଥୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଥାନାରେ ମାମଲା ନଂ–୮୨/୧୯ ରୁଜୁ ହୋଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି।

## ବାଙ୍କୀ ଏନଏସିରେ ପାନୀୟ ଜଳ ସଙ୍କଟ

**ବାଙ୍କୀ,୨୬।୪(ସ୍ୱ.ପ୍ର.)**

ବାଙ୍କୀ ଏନଏସିର ୧୭ ୱାର୍ଡରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ଏନଏସିବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳଯୋଗାଣ ପାଇଁ ଗତ ୨୯।୦୧।୧୯ରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରି କହିଥିଲେ, ଏହି ପ୍ରକଳ୍ପ ଦ୍ୱାରା ଏନ୍‌ଏସି ଅଞ୍ଚଳ ଜନସାଧାରଣ ପାନୀୟଜଳ ଠିକ୍ ଭାବେ ପାଇପାରିବେ। କିନ୍ତୁ ପରିଚାଳନା ଗତ ତ୍ରୁଟିଯୋଗୁ ଦିନ ସାରା ମାତ୍ର ୨ଥର ପାଣି ଯୋଗାଇ ଦିଆଯାଉଛି। ସେଥିରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଘଣ୍ଟାଘଣ୍ଟା ଧରି ଜଳଯୋଗାଣ ବନ୍ଦରହୁଛି। ଏଠାରେ କୌଣସି ଉଚ୍ଚପଦସ୍ଥ ଅଧିକାରୀ ରହୁନାହାନ୍ତି। ସେହପରି କର୍ମଚାରୀ ଅଭାବ ଯୋଗୁ ଜନସାଧାରଣଙ୍କୁ ଠିକ୍ ସମୟରେ ଜଳଯୋଗାଣ କରାଯାଇ ପାରୁନାହିଁ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ପାଣିପାଇଁ ଲୋକେ ଉହକବିକଳ ହେଉଛନ୍ତି। ଗ୍ରାମମାନଙ୍କରେ ଥିବା କୂଅ ପୋଖରୀ ସୁଖିଗଲାଣି। ତେଣୁ ଏନଏସିବାସୀଙ୍କୁ ଟ୍ୟାଙ୍କର ସାହାଯ୍ୟରେ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ବିଳାସ କୁମାର ବେହେରା କହିଛନ୍ତି, ତୁରନ୍ତ ଏ ସବୁ ସମସ୍ୟାର ସମାଧାନ କରାଯିବ।

## ସାଲେପୁର ବିଜେଡିର ପ୍ରଚାର ଜୋରଦାର



ନିର୍ବାଚନ ମଣ୍ଡଳୀର ଏକ ସଭାରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

**ସାଲେପୁର,୨୬।୪(ଡି.ଏନ.ଏ.)**

ସାଲେପୁର ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଜୋରଦାର ପ୍ରଚାର କରାଯାଇଛି। ଶୁକ୍ରବାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ସଭାପତି ମୁନା ଖାଁ ଆସି ବହୁଗ୍ରାମ, ତରିତୋ, ରଟିଲୋ, ପିକୋଳ, ବାରିଗୋଳ, ପୁରୁଣାହାଟ, ରାଇସୁଙ୍ଗୁଡ଼ା, ମିର୍ଜାପୁର, ଭୀମଦାସପୁର, ସିଡ଼ୋ, କଟରପା, ମାଳ, ମହଣ, ନାନ୍ଦୋଳ, ସଉରୀ, ସୁନ୍ଦଖଣ୍ଡ ଆଦି ପଞ୍ଚାୟତ ବୁଲିବା ସହ ସଭାକରି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ଜନସାଧାରଣ ଓ ଦଳୀୟ କର୍ମୀଙ୍କୁ ନିବେଦନ କରିଥିଲେ। ଏଥିରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ଜିଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ସରପଞ୍ଚ ମିଲ୍ଲୀ ବୋଷ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅଶୋକ ଭୂୟାଁ, ସୁବାଶିଷ ପ୍ରଧାନ, ସାଲେପୁର ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ମିହିର ଦାସ ଓ ବିଜୁ ଯୁବ ଜନତା ଦଳ ସଭାପତି ସଞ୍ଜିତଙ୍କ ସମେତ ଦଳର ଅନ୍ୟମାନେ ସାମିଲ୍ ହୋଇଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ: ଜଣେ ଗିରଫ

**ମାହାଙ୍ଗା,୨୬।୪(ସ୍ୱ.ପ୍ର.)**

ପୂର୍ବ ଶତ୍ରୁତାରୁ ମାହାଙ୍ଗା ଥାନା ଅଧୀନ ଭଉଁରିଆ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ରାତିରେ ମାରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଯୁବକଙ୍କ ବଡଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ–୭୦/୧୯ ରୁଜୁ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଗ୍ରାମର ନିରଞ୍ଜନ ସାହୁ ଗୁରୁବାର ବିଳମ୍ବିତ ରାତିରେ ଘରେ ଥିବା ବେଳେ ସେହି ଗ୍ରାମର ଉଦିତନାରାୟଣ ରାଉତ(୨୦) ଆସି ତାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ନିରଞ୍ଜନ ପ୍ରତିବାଦ କରିବାରୁ ଉଦିତନାରାୟଣ ଏକ ମାରଣାସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ନିରଞ୍ଜନ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ପରିବାରଲୋକେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ନିରଞ୍ଜନଙ୍କ ଭାଇ ବିଜୟ ଥାନାରେ ଅଭିଯୋଗ କରିଥିଲେ।

## ୨ ଦିନିଆ ଧର୍ମ ସମ୍ମିଳନୀ ପାଇଁ କରଡ଼ାପଲ୍ଲୀ ଉତ୍ସବମୁଖର

**ଟିଗିରିଆ,୨୬।୪(ଡି.ଏନ.ଏ.)**

କଟକ ଜିଲା ଅହମ୍ମଦିୟା ମୁସଲିମ୍ ସମ୍ପ୍ରଦାୟର ତୃତୀୟ ବାର୍ଷିକ ଧର୍ମ ସମ୍ମିଳନୀ ଏବଂ ଅହମ୍ମଦିୟା ମୁସଲିମ୍ ସମ୍ପ୍ରଦାୟ କରଡ଼ାପଲ୍ଲୀ ଶତବାର୍ଷିକ ଉତ୍ସବ ଟିଗିରିଆ ବ୍ଲକ କରଡ଼ାପଲ୍ଲୀଠାରେ ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବ ଲାଗି ଶୁକ୍ରବାରଠାରୁ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। କରଡ଼ାପଲ୍ଲୀ ଜାମା ମସ୍‌ଜିଦ ସହିତ ସାହି ଗଳିକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଗ୍ରାମର ପ୍ରବେଶ ପଥ ଗୋପୀନାଥପୁର ଶାସନ ଛକଠାରୁ ଆରମ୍ଭ କରି ସାହିଗଳିର ପରିମଳକୁ ସଫାସୁତରା କରାଯିବା ସହ ବିଭିନ୍ନ ସାଜସଜ୍ଜା ପ୍ରସ୍ତୁତିରେ ଗ୍ରାମବାସୀ ଲାଗି ପଡ଼ିଛନ୍ତି। କରଡ଼ାପଲ୍ଲୀ ଗ୍ରାମକୁ ଦୂରଦୂରାନ୍ତ ବନ୍ଧୁ ଓ ଆତ୍ମୀୟଙ୍କ ସୁଅ ଛୁଟିଛି। କଟକ ଜିଲା ସମେତ ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଢ଼େଙ୍କାନାଳ, ଭଦ୍ରକ ଆଦି ଅଞ୍ଚଳରୁ ସମ୍ପ୍ରଦାୟର ବହୁ ବ୍ୟକ୍ତି ଯୋଗଦାନ କରୁଥିବା ଜଣାଯାଇଛି। ଏହି ଧର୍ମ ସମ୍ମିଳନୀ ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା, ଧର୍ମବିତ୍, ଶିକ୍ଷାବିତ୍ ଏବଂ ବିଦ୍ୱାନମାନେ ଅଂଶଗ୍ରହଣ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସର୍ବ ଶକ୍ତିମାନ ଆଲ୍ଲାଙ୍କ ଅସ୍ତିତ୍ୱ, ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ, ବିଶ୍ୱଶାନ୍ତି ଏବଂ ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ମାର୍ଗରେ ଧର୍ମର ଭୂମିକା ପ୍ରସଙ୍ଗରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଶୁକ୍ରବାର ବହୁ ମୌଲାନାଙ୍କ ସହିତ ଜମାତ ଅହମ୍ମଦିଆର ରାଷ୍ଟ୍ରୀୟ କର୍ମକର୍ତ୍ତା ମଧ୍ୟ କରଡ଼ାପଲ୍ଲୀରେ ପହଞ୍ଚି ଥିବା ଅହମଦିଆ ମୁସଲିମ୍ ଜମାତ କରଡ଼ାପଲ୍ଲୀର ସଭାପତି ରସିଦ୍ ଅହେମଦ୍ ସୂଚନା ଦେଇଛନ୍ତି।



ସୁସଜ୍ଜିତ ଆଲୋକମାଳାରେ ଝଲସୁଛି କରଡ଼ାପଲ୍ଲୀ ଜାମା ମସ୍‌ଜିଦ।

## ଦୁଇ ସ୍ଥାନରେ ବିଜେଡିର ମିଶ୍ରଣ ପର୍ବ

**ସାଲେପୁର,୨୬।୪(ଡି.ଏନ.ଏ.)**

ସାଲେପୁର ବିଜେଡି ପକ୍ଷରୁ ଶିଶୁଆ ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁରଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଅନେକ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ରଞ୍ଜନ ଦାଶ, ରଞ୍ଜନ ପରିଡ଼ା, ଅରୁଣ ଦାଶ, ଜଗନ୍ନାଥ ବେହେରା, ନୃସିଂହ ବେହୁରା ଓ ଦୋଳଗୋବିନ୍ଦ ବେହେରା ପ୍ରମୁଖ ବିଜେଡିରେ ସାମିଲ୍ ହୋଇଥିଲେ।

ସେହିପରି ଦଳ ପକ୍ଷରୁ ଶିଶୁଆଠାରେ ଅବସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ କେତେଜଣ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ବେହେରା ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ହେଲେ ଏମ୍ ଡି. ମଜରୁଲ୍ ବରୀ, ଏସ୍.କେ. ଅଜିଉଲ୍ ରେହେମାନ୍, ଏସ୍.କେ. ସନାଉଲ୍ଲା ରେହେମାନ୍, ଏସ୍.କେ. ଇଜାଦ୍, ସୟଦ୍ ହିପାଜତ୍ ଅଲ୍ଲୀ, ସଦ୍ଦାମ ହୁସେନ୍, ସଞ୍ଜୟ କବାଟୀ ପ୍ରମୁଖ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛଶାସନ ଓ ବିଧାୟକ ପ୍ରାର୍ଥୀ ବେହେରାଙ୍କ ହାତମୁଠାକୁ ଟାଣ କରିବାକୁ ସେମାନେ ବିଜେଡିରେ ସାମିଲ୍ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ନାନ୍ଦୋଳ ପଞ୍ଚାୟତ ବିଜେଡି ନେତା ଜ୍ଞାନରଞ୍ଜନ ପଟ୍ଟନାୟକ, ସାଲେପୁର ସଂଖ୍ୟାଲଘୁ ସେଲ ସଭାପତି ସେକ୍ ଗୁଲଜାର୍ ମହମ୍ମଦଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ବଜାର ବନ୍ଦ

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ପୂର୍ବତନ ସରପଞ୍ଚ କ୍ଷୀରୋଦ ସାମନ୍ତରାୟଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଶୁକ୍ରବାର କଟିକଟା, ଅସୁରେଶ୍ୱର ବଜାର ବନ୍ଦ ରହିଥିଲା। ପୂର୍ବାହ୍ନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ଦଳ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ମନ୍ତ୍ରୀ ପ୍ରତାପ ଜେନା, ବ୍ରଜ ବିଶ୍ୱାଳ, ପ୍ରଦୀପ୍ତ ଦାସଙ୍କ ସମେତ ବହୁ ନେତୃମଣ୍ଡଳୀ ଶୋକବ୍ୟକ୍ତ କରିଛନ୍ତି।

## ବାଇକ୍‌ରୁ ପଡ଼ି ଚାଳକଙ୍କ ମୃତ୍ୟୁ

**ନରସିଂହପୁର,୨୬।୪(ସ୍ୱ.ପ୍ର.)**

କାନପୁର ଥାନା ଅନ୍ତର୍ଗତ ବାସେଳିହତା ଛକ ନିକଟରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ବଡ଼ମ୍ବା ଥାନା ଅଧୀନ ରତପାଟ ଗ୍ରାମର ବଳରାମ ନାୟକଙ୍କ ପୁଅ ସୁନୀଲ ନାୟକ(୨୩) ବାଇକ୍ ଯୋଗେ ଚମ୍ପେଶ୍ୱର ଶିବ ମନ୍ଦିରରେ ଅନୁଷ୍ଠିତ ଏକ ବିବାହ ଉତ୍ସବକୁ ଆସୁଥିଲେ। ବାସେଳିହତା ଛକ ନିକଟରେ କଅଁରପୁର ଗ୍ରାମର ସଂଗ୍ରାମ ନାୟକ ଓ ତାଙ୍କ ମାମୁ ପୋଖରୀରୁ ଗାଧୋଇ ରାସ୍ତା ପାର୍ ହୋଇ ଘରକୁ ଯାଉଥିଲେ। ଏହି ସମୟରେ ଅସାବଧାନତାବଶତଃ ସୁନୀଲ ବାଇକ୍‌କୁ ସଂଗ୍ରାମଙ୍କ ସହ ଧକ୍କା କରି ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ ବାଲିଝାରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସଂଗ୍ରାମଙ୍କୁ କଟକ ବଡମେଡିକାଲକୁ ପଠାଇ ଦିଆଯାଇଛି। ଖବର ପାଇ କାନପୁର ଥାନା ପୋଲିସ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏ ନେଇ ମାମଲା ନଂ–୩୫/୧୯ ରୁଜୁ କରାଯାଇଛି ବୋଲି ଥାନାଧିକାରୀ ସସ୍ମିତା ରଣା ସୂଚନା ଦେଇଛନ୍ତି।

## ନିଶ୍ଚିନ୍ତକୋଇଲିରେ ୧ ଲକ୍ଷ ୯ ହଜାର ୮୪୫ ଭୋଟର

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର.)**

■ମହିଳାଙ୍କ ଅପେକ୍ଷା ପୁରୁଷ ଭୋଟରଙ୍କ ସଂଖ୍ୟା ଅଧିକ
■୧୦ ଅତି ଉତ୍ତେଜନା ଓ ୧୧ ଉତ୍ତେଜନା ପ୍ରବଣ ବୁଥ
■୭ ଆଦର୍ଶ ମତଦାନ କେନ୍ଦ୍ର

ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୯ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତ ରହିଛି। ଏସବୁ ପଞ୍ଚାୟତରେ ମୋଟ୍ ୧୨୩ଟି ବୁଥ ରହିଛି। ବ୍ଲକ ଅଧୀନରେ ୧ ଲକ୍ଷ ୯ ହଜାର ୮୪୫ ଭୋଟର ରହିଛନ୍ତି। ସେଥିରୁ ୫୬ ହଜାର ୮୩୬ ପୁରୁଷ ଓ ୫୨ ହଜାର ୯୯୬ ମହିଳା ଭୋଟରଙ୍କ ସମେତ ୧୩ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି। ବ୍ଲକରେ ରାଜନୈତିକ ହଂସାକୁ ଆଖିଆଗରେ ରଖି ୧୧ ଉତ୍ତେଜନା ପ୍ରବଣ ବୁଥ ଓ ୧୦ ଅତିଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ କରାଯାଇଛି। ବ୍ଲକର କେଣ୍ଟାଳ ପଞ୍ଚାୟତରେ ସର୍ବାଧିକ ୪ ଉତେଉନା ପ୍ରବଣ ବୁଥ ରହିଥିବାବେଳେ ଫୋଗଳ ଓ ଅସୁରେଶ୍ୱରରେ ୩ଟି ଲେଖାଏ ଉତ୍ତେଜନା ପ୍ରବଣ ବୁଥ ରହିଛି। ତରତଶାସନ, କଟିକଟା ଓ ଶୁକରପଡାରେ ୨ଟି ଉତ୍ତେଜନା ପ୍ରବଣ ବୁଥ ରହିଛି। ବନ୍ଧକାଟିଆ, ଝାଡେଶ୍ୱରପୁର, ନଗସପୁର, କୋଲଣପୁର ଓ ବରାଦରେ ଗୋଟିଏ ଲେଖାଏ ଉତ୍ତେଜନା ପ୍ରବଣ ବୁଥ ରହିଛି। ସରପଡ଼ା ପଞ୍ଚାୟତର ୨୩୪ ନଂ ବୁଥରେ ସର୍ବାଧିକ ୧୪୨୦ ଭୋଟର ଥିବା ବେଳେ କେଣ୍ଟାଳ ପଞ୍ଚାୟତର ୨୨୯ ନଂ ବୁଥରେ ସର୍ବନିମ୍ନ ୪୧୭ ଜଣ ଭୋଟର ରହିଛନ୍ତି। ନିଶ୍ଚିନ୍ତକୋଇଲି ପଞ୍ଚାୟତର ଅହେମ୍ମଦବକ୍ସ ହାଇସ୍କୁଲରେ ହୋଇଥିବା ୩ଟି ବୁଥ, ଅସୁରେଶ୍ୱର ହାଇସ୍କୁଲର ୨ଟି ବୁଥ ଓ କେନ୍ଦୁପାଟଣା ଘେୱାରଚାନ୍ଦ ବିଦ୍ୟାଳୟର ୨ଟି ବୁଥକୁ ଆଦର୍ଶ ମତଦାନ କେନ୍ଦ୍ର ଭାବେ ଦର୍ଶାଯାଇଛି। ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧଙ୍କୁ ମତଦାନ କେନ୍ଦ୍ରକୁ ଆଣିବା ପାଇଁ ବିଏଲଓମାନଙ୍କ ଦ୍ୱାରା ଅଟୋରିକ୍ସା ଓ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥରେ ପାନୀୟ ଜଳ, ର୍‌ୟାମ୍ପ ବ୍ୟବସ୍ଥା କରାଯାଇଛି। ଭୋଟର ଯେପରି ପ୍ରଭାବିତ ନ ହୁଅନ୍ତି ସେଥିପାଇଁ ମତଦାନର ୪୮ ଘଣ୍ଟା ପୂର୍ବରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି
ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ୱାଇଏମ୍‌ସିଏର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୬।୪:** ୱାଇଏମ୍‌ସିଏ (ୟଙ୍ଗ ମେନ୍‌ସ ଖ୍ରୀଷ୍ଟିଆନ ଆସୋସିଏଶନ)ର ୧୨୫ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ପାଳନ ହେବ। ଏହାକୁ ନେଇ ୱାଇଏମ୍‌ସିଏରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ଆସୋସିଏଶନର ସଭାପତି ଡ. ରାଜବଲ୍ଲଭ ମହାନ୍ତି, ଦେବେଶ କୁମାର ରାଉଳଙ୍କ ସମେତ ବୋର୍ଡର ସଦସ୍ୟମାନେ ଉପସ୍ଥିତ ରହିଥିଲେ। କଟକସ୍ଥିତ ୱାଇଏମ୍‌ସିଏ ପରିସରରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନ୍ୟାଶନାଲ କାଉନ୍‌ସିଲ ଅଫ୍ ୱାଇଏମ୍‌ସିଏର ଉପ ସଭାପତି ମିଃ ଜାକୋବ କୋଶି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଏକ ବିଶେଷ ସ୍ମାରକୀ ଉନ୍ମୋଚନ ହେବ। ଏଥିରେ ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ସିକିମ ଏବଂ ଓଡ଼ିଶାର ୧୭ଟି ୱାଇଏମ୍‌ସିଏରୁ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଚୌଦ୍ୱାର,୨୬।୪(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାସ୍ଥିତ ଦୌଲତାବାଦ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଏକ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ପାନୀୟ ପ୍ରକଳ୍ପକୁ ଇମ୍ପାର ଉପ-ସଭାପତି ବିଜୟାନନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ବ୍ରଜେନ୍ଦ୍ର ନାୟକ, ସୁରେନ୍ଦ୍ର ବେହେରା, ସୁକଦେବ ଭୂୟାଁ, କୈଳାଶ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପତିଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ, କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିଲେ।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ

**କଟକ ଅଫିସ୍, ୨୬।୪:** ମାଲଗୋଦାମ ଥାନା ପରିସରରେ ଶୁକ୍ରବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲଗୋଦାମ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଲୋକ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ ଉକ୍ତ ଅଭିଯୋଗ ଶୁଣିବା ସହ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ମାଲଗୋଦାମ ଅଞ୍ଚଳରେ ବେଆଇନ ପାର୍କିଂ, ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ଲୋକେ ପୋଲିସକୁ ଅନୁରୋଧ କରିଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କବିରାଜି ବିଜ୍ଞାନ ଓ ଗବେଷଣା କେନ୍ଦ୍ର ଉଦ୍‌ଘାଟିତ

**ନରାଜ/କଟକ ଅଫିସ ୨୬।୪:** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ କବିରାଜି ବିଜ୍ଞାନ ଓ ଗବେଷଣା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିହାରର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସିଏଆରଆଇଏଚଡି-ସିସିଆରଏଏସ ଅଧକ୍ଷ ଡ. ଜୟରାମ ହାଜରା, ଓଡ଼ିଶା ଆୟୁର୍ବେଦିକ ସେବା ସଦନର ସଭାପତି ଡ. ଦୀନବନ୍ଧୁ ମହାରଣା ଯୋଗଦେଇଥିଲେ। ଉନ୍ନତ ଆୟୁର୍ବେଦିକ ଚିକିତ୍ସା ପ୍ରଦାନ କରିବା ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ। ଆର୍ଯୁବେଦିକ ଶିକ୍ଷା ବ୍ୟବସ୍ଥାର ସମସ୍ତ ବିଭାଗରେ ଏକ ସ୍ୱତନ୍ତ୍ର ଶୈକ୍ଷିକ ଓ ଚିକିତ୍ସାଭିତ୍ତିକ ପରିବେଶ ସୃଷ୍ଟିକରିବା ପାଇଁ ପ୍ରଚେଷ୍ଟା କରାଯିବ। ଫଳରେ ଏ ସମ୍ପର୍କିୟ ଗବେଷଣା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ରରେ କାୟାଚିକିତ୍ସା, ପଞ୍ଚକ୍ରମ ଥେରାପି, ସର୍ଜରୀ, ପ୍ରତିରୋଧାତ୍ମକ ଔଷଧ, ଆଖି, କାନ ସମ୍ପର୍କୀତ ରୋଗର ଗବେଷଣାତ୍ମକ ସୁବିଧା ଉପଲବ୍ଧ ରହିଛି। ବିଶ୍ୱବିଦ୍ୟାଳୟର କୁଳପତି ଡ. ଅଜୟ କୁମାର ସିଂ, ଘନଶ୍ୟାମ ଓଝା, ନରେନ୍ଦ୍ର ଲାମ୍ବା, ଡ. ମଦନ ମୋହନ ପାଢ଼ୀ ଓ ସର୍ବେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ଦେଇଥିଲେ।

## ■ ସାହସିକତା, ଉତ୍ତମ ସେବା ପ୍ରଦାନ

# ୧୯ ଜଣଙ୍କୁ ସମ୍ମାନିତ କଲେ କମିଶନର

**ଭୁବନେଶ୍ୱର,୨୬।୪ (ବ୍ୟୁରୋ)**

କମିଶନରେଟ୍ ମୁଖ୍ୟାଳୟରେ ଶୁକ୍ରବାର ରାଜଧାନୀରେ ଲୁଟେରା, ଅପରାଧୀଙ୍କୁ କାବୁ କରିବାରେ ସାହସିକତା ପ୍ରଦର୍ଶନ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପୋଲିସ ଏବଂ ସାଧାରଣ ନାଗରିକଙ୍କୁ ସମ୍ମାନିତ କରିଛନ୍ତି। ପୋଲିସକୁ ସହଯୋଗର ହାତ ବଢ଼ାଉଥିବା ସାଧାରଣ ଜନତା, କର୍ତ୍ତବ୍ୟ ପରାୟଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହା ଅଧିକ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

ଫେବୃୟାରୀ ୧୪ରେ ବଡଗଡ ଥାନା ଅଞ୍ଚଳରେ ସଂଘମିତ୍ରା ମହାନ୍ତିଙ୍କ ଘରୁ ସୁନା ଅଳଙ୍କାର ଲୁଟ୍ ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସାମଗ୍ରୀ ଜବତ କରିଥିଲା। ଏଥିସହ ଡକାୟତି ଉଦ୍ୟମ ବେଳେ ଦୁଇଟି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ତିନୋଟି ଘଟଣାରେ ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ର, ଜୋନ ୪ ଏସିପି ଅମରେନ୍ଦ୍ର ପଣ୍ଡା, ବଡଗଡ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ଏବଂ ଏସ୍‌ଆଇ ସୁବ୍ରତ କୁମାର ଦାସ, ସଞ୍ଜିତ କୁମାର ବେହେରା, ସରିତା ଶତପଥୀ ଏବଂ ହାବିଲଦାର ପ୍ରଭାକର ଆଚାର୍ଯ୍ୟ, କନଷ୍ଟେବଲ ରାଜୀବ କୁମାର ନାୟକ, ଓଏପିଏଫ ଶ୍ରୀକୁମାର ଶିବ ଶଙ୍କରଙ୍କୁ କମିଶନର ମିମେଣ୍ଟୋ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

ସେହିପରି ୨୩ ତାରିଖରେ ଖାରବେଳନଗର ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ରାଜସ୍ଥାନର ମହିଳାଙ୍କଠାରୁ ଜଣେ ଲୁଟେରା ବାଇକ୍‌ରେ ଆସି ଭ୍ୟାନିଟି ବ୍ୟାଗ ଲୁଟ୍ କରି ପଳାଇ ଯାଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ୩ ଜଣ ଯୁବକ ଲୁଟେରାଙ୍କୁ ପିଛା କରି ରବି ଟକିଜ୍ ନିକଟରେ କାବୁ କରିଥିଲେ। କାବୁ କରିଥିବା ଯୁବକଙ୍କୁ ଲୁଟେରା ଜଣକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କ ନିକଟରୁ ମହିଳାଙ୍କ ଲୁଟ୍ ସାମଗ୍ରୀକୁ ଯୁବକମାନେ ଉଦ୍ଧାର କରିଥିଲେ। ଏହି ଘଟଣାରେ ପୋଲିସକୁ ସହଯୋଗର ହାତ ବଢ଼ାଇଥିବା ୩ ଯୁବକଙ୍କୁ ପୋଲିସ କମିଶନର ମିମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଛି। ସେମାନେ ହେଲେ ଫୋନିକ୍ସ ସେବା ଅର୍ଗାନାଇଜେଶନ ସଦସ୍ୟ ବିନୋଦ କୁମାର ପଲେଇ, ସୁମିତ କୁମାର ରାଉତରାୟ ଏବଂ ସିଭିଲ ଇଞ୍ଜିନିୟର ରବି ନାରାୟଣ ବେହେରା।



ଫୋନିକ୍ସ ସେବା ଅର୍ଗାନାଇଜେଶନର ୩ ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି।

ଗୁରୁବାର ରାତିରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଗାଡିରେ ତେଲ ସରିଯିବା ବାହାନାରେ ଲୋକଙ୍କୁ ଅଟକାଇ ମାରଧର କରି ଲୁଟ୍ ଉଦ୍ୟମ ବେଳେ ପିସିଆର ୩ ଅଭିଯୁକ୍ତଙ୍କୁ ଗୋଡାଇ ଧରିବା ସହ ବାଇକ୍ ଜବତ କରିଥିଲା। ସେମାନେ ହେଲେ କଟକ ଚୈଧୁରୀବଜାର ଅଞ୍ଚଳର ମୁନା ଦାସ, ଶେଖର ନାୟକ ଏବଂ ବଣ୍ଟି ଘଡେଇ। ଏହି ଘଟଣାରେ ଇନଫୋସିଟି ପିସିଆର ୨୨ର ହାବିଲଦାର ସନ୍ତୋଷ କୁମାର ବେହେରା, ଓଏପିଏଫ ପ୍ରଶାନ୍ତ ନାୟକ ଏବଂ ଡ୍ରାଇଭର ମାନସ ଭୋଇଙ୍କୁ ମଧ କମିଶନର ମିମେଣ୍ଟୋ ପ୍ରଦାନ କରାଯାଇଛି। ସେହିପରି ଖଣ୍ଡଗିରି ଥାନା ଅଧୀନ ଆଇଗେଣିଆ ଅଞ୍ଚଳରେ ହାଇୱେରେ ପାର୍କିଂ ହେଉଥିବା ଟ୍ରକ ଏବଂ ଭାରିଯାନ ସବୁରୁ ଲୁଟପାଟ୍‌ରେ ସମ୍ପୃକ୍ତ ୪ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

#### ଲୁଟ ଉଦ୍ୟମ, ଦୁଇଦିନରେ ୯ ଅଭିଯୁକ୍ତ ଗିରଫ

ବୁଧବାର ରାତିରେ ଆଇଗଣିଆ ଛକ ନିକଟରେ ଗୋଟିଏ ଟ୍ରକରୁ ଲୁଟପାଟ୍ କରୁଥିବା ବେଳେ ପିସିଆର ୧୬ ପାଟ୍ରୋଲିଂ ବେଳେ ଦୁଇଜଣ ଅଭିଯୁକ୍ତଙ୍କୁ ଗୋଡାଇ କାବୁ କରିବା ସହ ତଦନ୍ତ ପରେ ଆଉ ୪ ଜଣ ଅଭିଯୁକ୍ତଙ୍କୁ ସମ୍ପୃକ୍ତି ନେଇ ଗିରଫ କରାଯାଇଥିଲା। ସେମାନେ ହେଲେ ବାଲିପାଟଣା ଅଞ୍ଚଳର ପ୍ରଭୁଦତ୍ତ ତ୍ରିପାଠୀ, ଖଣ୍ଡଗିରି ଅଞ୍ଚଳର ଦେବୀ ପ୍ରସାଦ ଜେନା, ଦୀପକ ସାହୁ, ଏୟାରଫିଲ୍ଡ ଥାନା ଅଞ୍ଚଳର ସନାତନ ବେହେରା, ରାଜେଶ ବେହେରା ଏବଂ ବାଲେଶ୍ୱର ଅଞ୍ଚଳର ଦୀପକ କୁମାର ଦାସ। ଏହି ଘଟଣାରେ ଖଣ୍ଡଗିରି ଥାନା ୧୬ ନଂ. ପିସିଆରରେ ଡ୍ୟୁଟିରେ ଥିବା ଏସପିଓ ଏସ୍‌ଆଇ ହେମନ୍ତ କୁମାର ମହାନ୍ତି, ଓଏପିଏଫ ମୁକୁନ୍ଦ ନିଳା ଏବଂ ହୋମଗାର୍ଡ ସଞ୍ଜୟ କୁମାର ପ୍ରଧାନ ଏବଂ ସୁଦୀପ୍ତ କୁମାର ପ୍ରଧାନଙ୍କୁ ପୋଲିସ କମିଶନର ମିମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଛନ୍ତି।

### ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟଣା: କାର ଚାଳକ ଗିରଫ

**କଟକ ଅଫିସ୍, ୨୬।୪**

କ୍ୟାଣ୍ଟନମେଣ୍ଟ ଠାରେ ହୋଇଥିବା ଏକ କାର ଦୁର୍ଘଟଣାରେ ମାଲଗୋଦାମ ଅଞ୍ଚଳର ମୃତ୍ୟୁଞ୍ଜୟ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ କରି କ୍ୟାଣ୍ଟନମେଣ୍ଟ ପୋଲିସ ଶୁକ୍ରବାର ଅଭିଯୁକ୍ତ କାର ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର ଅଞ୍ଚଳର ସମ୍ପଦ ପରିଡା ଓରଫ୍ ରୋଶନ(୨୫)। ଗତ ୨୧ ତାରିଖରେ ରୋଶନ ଏକ କାର ଚଳାଉଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ମୃତ୍ୟୁଞ୍ଜୟ ଚଳାଉ ଥିବା ସ୍କୁଟିକୁ ଧକ୍କା ଦେଇଥିଲା। ସେଠାରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟ ଘଟିଥିବା ବେଳେ ତାଙ୍କ ସହ ସ୍କୁଟିରେ ଯାଉଥିବା ଦୁଇଜଣ ଗୁରୁତର ହୋଇଥିଲେ। ତେବେ ଉକ୍ତ କାରରୁ ୪ଟି ମଦ ବୋତଲ ସହ ଏକ ରାଜନୈତିକ ଦଳର ପତାକା ବାହାରିଥିଲା। ଏ ନେଇ ମୃତ୍ୟୁଞ୍ଜୟଙ୍କ ଭାଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୬/୧୯) ରୁଜୁ କରିଥିଲା।



କଟକ ଓଏମ୍‌ପି ଛକସ୍ଥିତ ପାରଳା ମହାରାଜା ଉଦ୍ୟାନ ପରିସରରେ ଥିବା ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

## ପାରଳା ମହାରାଜାଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୨୬।୪**

ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କର ଜୟନ୍ତୀ ଶୁକ୍ରବାର ଓଏମ୍‌ପି ଛକଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପାରଳା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପ୍ରଶାସନ, କଟକ ମହାନଗର ନିଗମ, ଉତ୍କଳ ସମ୍ମିଳନୀ ଓ ନୀଳଚକ୍ର ଅନୁଷ୍ଠାନର କର୍ମକର୍ତ୍ତାମାନେ ମିଳିତ ଭାବେ ଏଠାରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପାରଳା ମହାରାଜାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଯୋଗଦେଇଥିଲେ।

#### ଭାଜପାର ରୋଡ୍ ଶୋ

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଲେ ଅପରାଜିତା

**ଚୌଦ୍ୱାର, ୨୬।୪(ଡି.ଏନ୍.ଏ.)**

୨୦୧୯ ସାଧାରଣ ନିର୍ବାଚନ ଚତୁର୍ଥ ପର୍ଯ୍ୟାୟ ପାଇଁ ଆସନ୍ତା ୨୯ତାରିଖରେ ଭୋଟ ଗ୍ରହଣ ହେବ। ଏହି ପରିପ୍ରେକ୍ଷୀରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ନିଆଳି ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଛବି ମଲିକଙ୍କ ପାଇଁ ଶୁକ୍ରବାର ଦେବୀକନ୍ଦଳ ଦ୍ୱୀପାଞ୍ଚଳରେ ରୋଡ୍ ଶୋ କରିବା ସହ ଭୋଟ ଭିକ୍ଷା କରିଛନ୍ତି। ଦେବୀକନ୍ଦଳ ଦ୍ୱୀପାଞ୍ଚଳର ମୁଖ୍ୟ ଦ୍ୱାର ଉରାଢ଼ଠାରୁ ବାଇକ୍ ଶୋଭାଯାତ୍ରାରେ ଅପରାଜିତାଙ୍କ ସମେତ ଭାଜପା ନେତା ଆର୍ତ୍ତତ୍ରାଣ ମଲ୍ଲିକ, ବେଣୁଧର ବେହେରା, କୃଷ୍ଣଚନ୍ଦ୍ର ମଲିକ, ପ୍ରତାପ ରାଉତରାୟ, ରବିନାରାୟଣ ମହାପାତ୍ର ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ଭାଜପା କର୍ମୀ ଦ୍ୱୀପାଞ୍ଚଳର ଉରାଢ଼, ଡିମିରି, ଉତ୍ତାରଣ, କସର୍ଦ୍ଦା, ସିଠାଳ, ରାଣୀଓଳା, ଶଗଡାଇଲୋ ଓ ଏରଞ୍ଚ ପଞ୍ଚାୟତ ପରିକ୍ରମା କରି ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ।

## ଲିଫ୍ଟ ମାଗି ବାଇକ୍ ଚାଳକଙ୍କଠାରୁ ଲୁଟ୍, ୩ ଗିରଫ

**ଭୁବନେଶ୍ୱର,୨୬।୪ (ବ୍ୟୁରୋ)**

ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ବେକରେ ଛୁରି ଲଗାଇ ଲୁଟ୍ କରିବା ଘଟଣାରେ ଇନ୍‌ଫୋସିଟି ଥାନା ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଏକ ଛୁରି, ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଚୌଧୁରୀବଜାର ମଠସାହିର ବଣ୍ଟି ଘଡେଇ(୧୯), ମୁନା ଦାସ(୨୦) ଓ ଶେଖର ନାୟକ(୨୨)। ଏ ନେଇ ପୋଲିସ ଦଫା ୩୯୨ରେ ନଂ. ୮୬/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

ଗୁରୁବାର ରାତି ପ୍ରାୟ ୧୨ଟାରେ ୩ଜଣ ଦୁର୍ବୃତ୍ତ ନନ୍ଦନବିହାର ଛକ ନିକଟରେ ବାଇକ୍ ଖରାପ ହୋଇଥିବା ଅଭିନୟ କରିଥିଲେ। ଏହି ସମୟରେ ଜଣେ ବାଇକ୍ ଚାଳକ୍ ସେହି ବାଟ ଦେଇ ଯିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଲିଫ୍ଟ ମାଗିଥିଲେ। ପରେ ଉକ୍ତ ବାଇକ୍ ଚାଳକ ଜଣଙ୍କ ସେଠାରେ ରହିବା ପରେ କ'ଣ ହୋଇଛି ବୋଲି ପଚାରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ କୌଶଳକ୍ରମେ ବାଇକ ଚାଳକଙ୍କ ବେକରେ ଛୁରି ଲଗାଇ ଏକ ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଚନ୍ଦ୍ରଶେଖର ଥାନା ଅଭିମୁଖେ ଦ୍ରୁତଗତିରେ ଯାଇଥିଲେ। ଲୁଟର ଶିକାର ହୋଇଥିବା ବାଇକ୍ ଚାଳକ ଜଣଙ୍କ ବୃଦ୍ଧି ଖଟାଇ ତୁରନ୍ତ ପୋଲିସ ସହାୟତା ୧୦୦ ନଂ. କୁ ଫୋନ୍ କରିଥିଲେ। କଣ୍ଟ୍ରୋଲ ରୁମ୍ ପିସିଆର ୨୨କୁ ଜଣାଇ ଦେଇଥିଲା। ପିସିଆର ୨୨ର ପୋଲିସ କର୍ମଚାରୀମାନେ ଦୁର୍ବୃତ୍ତଙ୍କ ପିଛା କରି ସେମାନଙ୍କୁ ଜାଭିୟର ଛକ ନିକଟରେ କାବୁ କରିଥିଲେ। ସେମାନଙ୍କଠାରୁ ବାଇକ୍, ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲେ। ଏହି ଗ୍ୟାଙ୍ଗ୍ କଟକରେ ପ୍ରାୟ ସକ୍ରିୟ ରହିଥିଲେ। ବିଶେଷକରି ସେମାନେ ରାତିରେ ଭୁବନେଶ୍ୱର ଆସି ଲୁଟପାଟ୍ କରନ୍ତି। ଗ୍ୟାଙ୍ଗ୍‌ର ଲିଡର ଶେଖର ନାୟକ। ତାଙ୍କ ନାମରେ ପୁରୀଘାଟ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ଭୁବନେଶ୍ୱରରେ କେଉଁ କେଉଁ ଲୁଟ୍‌ରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

#### ■ ୧୦ ବର୍ଷ ପରେ ଡେଷ୍ଟିଚ୍ୟୁଟ ଫ୍ରି ହେବ ମାନସିକ ରୋଗ ବିଭାଗ

## ଆଜି ସ୍ଥାନାନ୍ତର ହେବେ ୩୮ ଅସହାୟ ରୋଗୀ

**କଟକ ଅଫିସ, ୨୬।୪**

୧୦ ବର୍ଷ ପରେ ଏସ୍‌ସିବି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନ ଡେଷ୍ଟିଚ୍ୟୁଟ ଫ୍ରି ହେବାକୁ ଯାଉଛି। ୨୦୧୭ ମସିହାରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ ଯେ, ଦେଶରେ କୌଣସି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ମାନସିକ ରୋଗୀ ଦୀର୍ଘକାଳ ଧରି ରହିପାରିବେନାହିଁ। ମାତ୍ର ଏସ୍‌ସିବିରେ ୧୦ ବର୍ଷ ଧରି ୧୦୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ସ୍ଥାୟୀ ଅନ୍ତେବାସୀ ପାଲଟିଥିଲେ। ଏହି ରୋଗୀମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ବିଭାଗୀୟ ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ଗତ ନଭେମ୍ବର ମାସରୁ ଉଦ୍ୟମ ଆରମ୍ଭ କରିଥିଲେ। ଇତିମଧ୍ୟରେ ୪ଟି ପର୍ଯ୍ୟାୟରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରୁ ୪୮ ଜଣ ରୋଗୀଙ୍କୁ ବିଭିନ୍ନ ସାମାଜିକ ସଙ୍ଗଠନରେ ଥଇଥାନ କରାଯାଇଛି। ଶନିବାର ପ୍ରତିଷ୍ଠାନରୁ ଆଉ ୩୮ ଜଣ ରୋଗୀଙ୍କୁ ପୁରୀ ଜିଲାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନକୁ ପଠାଯିବ। ସୂଚନାଥାଉ କି, ଏହି ରୋଗୀମାନେ ବିଭିନ୍ନ ସମୟରେ ରାସ୍ତାକଡ଼ରୁ ମେଡିକାଲକୁ ଆସିଥାନ୍ତି। ଯେହେତୁ ସେମାନଙ୍କର କୌଣସି ଘର ଠିକଣା ନ ଥାଏ ତେଣୁ ସେମାନେ ଏଠାରେ ଏକପ୍ରକାର ଅନ୍ତେବାସୀ ପାଲଟିଥାନ୍ତି। ଏପରି କି କେତେକ କ୍ଷେତ୍ରରେ ଘର ଲୋକ ମଧ ନିଜର ଠିକଣା ଲୁଚାଇ ମାନସିକ ରୋଗୀଙ୍କୁ ଏଠାରେ ଛାଡ଼ିଦେଇ ପଳାଇଥାନ୍ତି। ତେଣୁ ଏହି ରୋଗୀମାନେ ଏଠାରେ ଅଯଥାରେ ରହି ଭିଡ଼ ଜମାଉଥିବାରୁ ଅନ୍ୟ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ ଏମାନଙ୍କର ଉଚିତ ଥଇଥାନ ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ପ୍ରଫେସର ସ୍ୱାଇଁ ସୂଚନା ଦେଇଛନ୍ତି।

## ଅଭିଯୁକ୍ତ ଶିକ୍ଷକ, ମହିଳା ଜେଲ ଗଲେ

**ବଡ଼ମ୍ବା,୨୬।୪(ଡି.ଏନ.ଏ.)**

#### ନୂଆବାଙ୍ଗରସିଂହା ହତ୍ୟାକାଣ୍ଡ

ବଡ଼ମ୍ବା ଥାନା ଅଧୀନ ନୂଆ ବାଙ୍ଗରସିଂହା (ଶବରସାହି)ରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ମଞ୍ଜୁର ନ ହେବାରୁ ସେମାନଙ୍କୁ ବଡ଼ମ୍ବା ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଶିକ୍ଷକ ସତ୍ୟବାଦୀ ଦେହୁରୀ ଓ ଘଟଣାରେ ସମ୍ପୃକ୍ତ ଥିବା ମହିଳା ଝୁନୁ ଦେହୁରୀ।

ସୂଚନା ଅନୁସାରେ, ନୂଆ ବାଙ୍ଗରସିଂହା ଗ୍ରାମସ୍ଥିତ ଶବର ସାହିର ଗଗନ ବେହେରା ଓ ବେଣୁଧର ଦେହୁରୀ ପରିବାରଙ୍କ ମଧ୍ୟରେ ବୁଧବାର ଅପରାହ୍ନରେ କୌଣସି କାରଣରୁ ବଚସା ହୋଇଥିଲା। ଉକ୍ତ ବଚସା କ୍ରମେ ଉଗ୍ର ରୂପ ନେବା ସହିତ ଶେଷରେ ଗଣ୍ଡଗୋଳରେ ପରିଣତ ହୋଇଥିଲା। ବେଣୁଧର ପରିବାର ସମେତ ଅନ୍ୟମାନେ ମିଶି ଗଗନଙ୍କ ପରିବାରଙ୍କୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଗଗନଙ୍କ ସମେତ ତାଙ୍କ ପୁଅ, ସ୍ତ୍ରୀ ଓ ଅନ୍ୟମାନେ ଗୁରୁତର ହୋଇ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଥିଲେ। ମାତ୍ର ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଗଗନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଗଗନଙ୍କ ପୁଅ ପ୍ରଶାନ୍ତ ମାଣିଆବନ୍ଧ ଫାଣ୍ଡିରେ ବେଣୁଧର ପରିବାର ତାଙ୍କ ବାପାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ମାଣିଆବନ୍ଧ ଫାଣ୍ଡି ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଫାଣ୍ଡି ଅଧିକାରୀ ଓ ବଡ଼ମ୍ବା ଥାନା ପୋଲିସ୍ ସେହିଦିନ ବେଣୁଧରଙ୍କ ପରିବାରର ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସତ୍ୟବାଦୀ ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ଦିନିଆରୀ ହାଇସ୍କୁଲ୍‌ରେ ଶିକ୍ଷକତା କରୁଥିବା ମାଣିଆବନ୍ଧ ଫାଣ୍ଡି ତଥା ତଦନ୍ତକାରୀ ଅଫିସର ବସନ୍ତ ଶତପଥୀ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଥାନାରେ ମାମଲା ନଂ-୮୨/୧୯ ରୁଜୁ ହୋଇଛି। ମାମଲାର ଅଧିକ ତଦନ୍ତ ଜାରିରହିଥିବା ଫାଣ୍ଡି ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି।



କଟକ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀରେ ପିଲାମାନେ ଗାଧୋଇବାର ମଜା ନେଉଛନ୍ତି।



କଟକ ବକ୍ସିବଜାର ଠାରେ ନ୍ୟାଶନାଲ ମ୍ୟୁଜିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଅଷ୍ଟମ ଲକ୍ଷ୍ମଣ ଗଡ଼ନାଏକ ସ୍ମୃତି ଅନ୍ତର୍ଜାତୀୟ ନୃତ୍ୟ ସଙ୍ଗୀତ ସମାରୋହରେ ଡ. ସମ୍ବିତ ରାଉତରାୟ ଶରଦ୍ ବାଦନ କରୁଛନ୍ତି।



“ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
-- ଶ୍ରୀଚୈତନ୍ୟ



## ସଂକ୍ଷେପରେ

୧୦ ବର୍ଷ ପରେ ଡେଷ୍ଟିଚ୍ୟୁଟ ଫ୍ରି ହେବ ମାନସିକ ରୋଗ ବିଭାଗ

### ଆଜି ସ୍ଥାନାନ୍ତର ହେବେ ୩୮ ଅସହାୟ ରୋଗୀ

କଟକ ଅଫିସ, ୨୬।୪- ୧୦ ବର୍ଷ ପରେ ଏସ୍‌ସିବି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନ ଡେଷ୍ଟିଚ୍ୟୁଟ ଫ୍ରି ହେବାକୁ ଯାଉଛି। ୨୦୧୭ ମସିହାରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ ଯେ, ଦେଶରେ କୌଣସି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ମାନସିକ ରୋଗୀ ଦୀର୍ଘକାଳ ଧରି ରହିପାରିବେନାହିଁ। ମାତ୍ର ଏସ୍‌ସିବିରେ ୧୦ ବର୍ଷ ଧରି ୧୦୦ରୁ ଉର୍ଦ୍ଧ୍ୱ ମାନସିକ ରୋଗୀ ସ୍ଥାୟୀ ଅନ୍ତେବାସୀ ପାଲଟିଥିଲେ। ଏହି ରୋଗୀମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ବିଭାଗୀୟ ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ଗତ ନଭେମ୍ବର ମାସରୁ ଉଦ୍ୟମ ଆରମ୍ଭ କରିଥିଲେ। ଇତିମଧ୍ୟରେ ୪ଟି ପର୍ଯ୍ୟାୟରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରୁ ୪୮ ଜଣ ରୋଗୀଙ୍କୁ ବିଭିନ୍ନ ସାମାଜିକ ସଙ୍ଗଠନରେ ଥଇଥାନ କରାଯାଇଛି। ଶନିବାର ପ୍ରତିଷ୍ଠାନରୁ ଆଉ ୩୮ ଜଣ ରୋଗୀଙ୍କୁ ପୁରୀଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନକୁ ପଠାଯିବ। ସୂଚନାଥାଉ କି, ଏହି ରୋଗୀମାନେ ବିଭିନ୍ନ ସମୟରେ ରାସ୍ତାକଡ଼ରୁ ମେଡିକାଲକୁ ଆସିଥାନ୍ତି। ଯେହେତୁ ସେମାନଙ୍କର କୌଣସି ଘର ଠିକଣା ନ ଥାଏ ତେଣୁ ସେମାନେ ଏଠାରେ ଏକପ୍ରକାର ଅନ୍ତେବାସୀ ପାଲଟିଥାନ୍ତି। ଏପରି କି କେତେକ କ୍ଷେତ୍ରରେ ଘର ଲୋକ ମଧ୍ୟ ନିଜର ଠିକଣା ଲୁଚାଇ ମାନସିକ ରୋଗୀଙ୍କୁ ଏଠାରେ ଛାଡ଼ିଦେଇ ପଳାଇଥାନ୍ତି। ତେଣୁ ଏହି ରୋଗୀମାନେ ଏଠାରେ ଅଯଥାରେ ରହି ଭିଡ଼ ଜମାଉଥିବାରୁ ଅନ୍ୟ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିଲା। ତେଣୁ ଏମାନଙ୍କର ଉଚିତ ଥଇଥାନ ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ପ୍ରଫେସର ସ୍ୱାଇଁ ସୂଚନା ଦେଇଛନ୍ତି।

### ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ପୁରୀ ଅଫିସ, ୨୬।୪: ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ବାଲିସାହିର ମିନିକା ପୃଷ୍ଟି। ପରିବାର ଲୋକେ ଏଥିପାଇଁ ସଂପୃକ୍ତ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏ ନେଇ ଏଡିଏମ୍‌ଓ(ମେଡିକାଲ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ପୂର୍ବାହ୍ନରେ ମିନିକା ସମୁଦ୍ରରେ ଗାଧୋଇବା ବେଳେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ମହିଳା ମେଡିସିନ ୱାର୍ଡରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ଡ୍ୟୁଟିରେ ଥିବା ଡାକ୍ତର ଚିକିତ୍ସାରେ ଅବହେଳା କରିଥିଲେ ବୋଲି ପରିବାର ଲୋକେ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ) ବ୍ରଜବନ୍ଧୁ ଦାଶ ଚିକିତ୍ସାରେ ଅବହେଳା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ଭାଜପା ନେତା ମଙ୍ଗୁଳି ଜେନାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୬।୪ (ଡି.ଏନ.ଏ.)-ତ୍ରୟୋଦଶ ଦିବସରେ ଭାଜପା ନେତା ମଙ୍ଗୁଳି ଜେନାଙ୍କ ସ୍ମୃତିଚାରଣ ସଭା ଟାଙ୍ଗୀ ବ୍ଲକର ବଡପୋଖରିଆସ୍ଥିତ ବାସଭବନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାଲ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ଭାଜପା ଜିଲା ସାଧାରଣ ସମ୍ପାଦକ ଗଗନ ମଲ୍ଲ, ଭାଜପା ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ ମହାପାତ୍ର, ଜିଲା ସଭାପତି ସୁବାସ ଜେନା, ଭାଜପା ନେତା ଲକ୍ଷ୍ମୀକାନ୍ତ ମିଶ୍ର ଓ ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟ, ୯ ନଂ. ଜୋନ ଜିଲା ପରିଷଦ ସଭ୍ୟା ମମତା ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ନିରାକାରପୁର ସମିତି ସଭ୍ୟ ବିପିନ କୁମାର ଜୟସିଂ ସଭା ପରିଚାଳନା କରିଥିଲେ।

■ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡର ନାମଫଳକ ନାହିଁ

# ଉଜ୍ଜ୍ୱଳ ଆଲୋକ, ପାଣି ମୁଖ୍ୟ ସମସ୍ୟା

**ଖୋର୍ଦ୍ଧା ଅଫିସ,୨୬।୪**

ଖୋର୍ଦ୍ଧା ଜିଲାରେ ରହିଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର। ରାଜଧାନୀଠାରୁ ମାତ୍ର ୨୫କିମି ଦୂରରେ ରହିଛି ଜିଲାର ସଦର ମହକୁମା ତଥା ଖୋର୍ଦ୍ଧା ସହର। ହେଲେ ଏହାର ନୂଆ ବସ୍‌ଷ୍ଟାଣ୍ଡରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବା ବେଳେ ସଞ୍ଜ ଗଡିଲେ ଅନ୍ଧାର ରାଜୁତି କରୁଛି। ପାନୀୟ ଜଳର ସୁବିଧା ନାହିଁ। ସେହିପରି ବସ୍‌ଷ୍ଟାଣ୍ଡର ୧୪୦ ଦୋକାନ ଗୃହ ୨୨ ବର୍ଷ ପରେ ବି ବ୍ୟବସାୟୀଙ୍କୁ ବଣ୍ଟନ ହୋଇ ପାରିନାହିଁ।

ଖୋର୍ଦ୍ଧା ତହସିଲ କର୍ତ୍ତୃପକ୍ଷ ୧୯୮୩ ଏପ୍ରିଲ ୨୪ ରେ ସହରର ସାନପଲ୍ଲୀ ମୌଜାରେ ଖାତା ନଂ. ୩୮୫/ପ୍ଲଟ ନଂ. ୩୧୬ରେ ୫ ଏକର ୫ ଶହ ଡେସିମିଲ ଜମି ବିଡିଏକୁ ହସ୍ତାନ୍ତର କରିଥିଲେ। ଉକ୍ତ ଜମିରେ ବିଡିଏ କର୍ତ୍ତୃପକ୍ଷ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପରିକଳ୍ପନା କରିଥିଲେ। ୧୯୮୯ ଜାନୁୟାରୀ ୧ରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଶିଳାନ୍ୟାସ କରାଯାଇ କାର୍ଯ୍ୟ ଆରମ୍ଭ ହୋଇ ଥିଲା। ୪୩ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟରେ ବିଡିଏ କର୍ତ୍ତୃପକ୍ଷ ବସ୍‌ଷ୍ଟାଣ୍ଡ ନିର୍ମାଣ କରି ୧୯୯୪ ଏପ୍ରିଲ ୨୪ ରେ ପରିଚାଳନା ଲାଗି ଖୋର୍ଦ୍ଧା ପୌର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲେ। ବସ୍‌ଷ୍ଟାଣ୍ଡର ୫୪୮୭ ବର୍ଗଫୁଟ ଇଲାକାରେ ଦୋକାନ ଘର ନିର୍ମାଣ ହୋଇଛି। ଉକ୍ତ ଦୋକାନ ଘର ମଧ୍ୟରୁ ୨ଟି ଗୃହରେ ପୋଲିସ ଫାଣ୍ଡି, ୨ଟି ଗୃହ ବସ ମାଲିକ ସଂଘ ଓ ଅନ୍ୟ ଦୁଇଟି ବସ ହକରଙ୍କ ପାଇଁ ରହିଛି। ତେବେ ୨୨ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ବିତି ଯାଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ୧୪୦ ଦୋକାନ ଘର ଏଯାବତ ଭଡାରେ ଲାଗି ପାରିନି। ଆଲଟ ହୋଇ ନ ଥିବାରୁ ଏପରି ଅବ୍ୟବସ୍ଥା ଲାଗି ରହିଛି। ତେବେ ୧୧୨ଟି ଦୋକାନ ଗୃହ ବଣ୍ଟନ ହୋଇଥିବା ଜଣାପଡିଛି। ବସଷ୍ଟାଣ୍ଡର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଖୋର୍ଦ୍ଧା ପୌରପାଳିକା ହସ୍ତରେ ନ୍ୟସ୍ତ ରହିଛି। ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀବାହୀ ଯାନ ପିଛା ଦୈନିକ ୧୫ ଟଙ୍କା ଲେଖାଏ ପାର୍କିଂ ଫି ବାବଦରେ ଆଦାୟ କରାଯାଉଛି। ବସ୍‌ଷ୍ଟାଣ୍ଡ ପାର୍କିଂ ଫି ବାବଦରେ ମାସିକ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଛି। ଅଥଚ ଯାତ୍ରୀଙ୍କ ପାଇଁ ପାଣି ଓ ବିଜୁଳି ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେବା ଦିଗରେ ଖୋର୍ଦ୍ଧା ପୌରପାଳିକା ବିଫଳ ହୋଇଛି। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡର ଏ ପର୍ଯ୍ୟନ୍ତ ନାମ ଫଳକଟିଏ ନାହିଁ। କାଁ ଭାଁ ସ୍ଥାନକୁ ଛାଡି ଦେଲେ ବସ୍‌ଷ୍ଟାଣ୍ଡ ପରିସରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାହିଁ। ସନ୍ଧ୍ୟାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ଅନ୍ଧାର ଯୋଗୁ ଅଧିକାଂଶ ଯାତ୍ରୀବାହୀ ବସ୍ ସନ୍ଧ୍ୟାରେ ବସ୍‌ଷ୍ଟାଣ୍ଡ ମଧ୍ୟକୁ ନ ପଶି ପଳାଇ ଯାଉଛନ୍ତି। ବସ୍‌ଷ୍ଟାଣ୍ଡ ପରିସରରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଟାଉନ ପୋଲିସ ଫାଣ୍ଡି ରହିଛି। ହେଲେ ଏହା ଅଧିକାଂଶ ସମୟ ବନ୍ଦ ରହୁଛି। ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନଙ୍କୁ ଏଠାରେ ସନ୍ଧ୍ୟା ସମୟରେ ବି ଦେଖିବାକୁ ମିଳୁନାହିଁ। ଅଧିକାଂଶ ସମୟରେ ବସ୍‌ଷ୍ଟାଣ୍ଡ ମଧ୍ୟରେ ଅସାମାଜିକ କାର୍ଯ୍ୟ କଳାପ ଘଟୁଥିବା ଦେଖିବାକୁ ମିଳୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବସ୍‌ଷ୍ଟାଣ୍ଡରୁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଏଠାରେ ଏକମାତ୍ର ନଳକୂପ ରହିଥିବା ବେଳେ ସେଥିରୁ ମୁନ୍ଦେ ମୁନ୍ଦେ ପାଣି ବାହାରୁଛି। ଆଲୋକ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟାରେ ଅଧିକାଂଶ ଦୋକାନ ଖୋଲୁନାହିଁ। ଯାତ୍ରୀଙ୍କ ପାଇଁ ସୁଲଭ ଶୌଚାଳୟ ରହିଛି। ହେଲେ ଅଧିକାଂଶ ସମୟ ଏହା ବନ୍ଦ ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଏହା କେତେଜଣ ଲୋକଙ୍କ କବ୍‌ଜାରେ ରହୁଥିବା ଅଭିଯୋଗ ହେଉଛି।

**ଭଡା ନ ଲାଗିବାରୁ ୧୪୦ ଦୋକାନ ଗୃହ ପରିତ୍ୟକ୍ତ**



ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ବସ୍‌ଷ୍ଟାଣ୍ଡ ଅନ୍ଧାରରେ ରହିଛି।

# ଆଇଓସିଏଲ୍ ଡିପୋ ମିଟର ୟୁନିଟ୍‌ରେ ଅଗ୍ନିକାଣ୍ଡ





ଆଇଓସିଏଲ ଡିପୋ ପରିସରରେ ଥିବା ବିଦ୍ୟୁତ୍ ବିଭାଗ ମିଟରିଂ ୟୁନିଟ୍‌ରେ ନିଆଁ ଲାଗି ଜଳୁଥିବାର ଦୃଶ୍ୟ।

**ଜଟଣୀ,୨୬।୪(ଡି.ଏନ.ଏ.)**

ଜଟଣୀସ୍ଥିତ ଆଇଓସିଏଲ୍(ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍) ଡିପୋ ପରିସରରେ ଥିବା ବିଦ୍ୟୁତ୍ ବିଭାଗର ମିଟରିଂ ୟୁନିଟ୍‌ରେ ଶୁକ୍ରବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପ୍ରାୟ ଏକ ଘଣ୍ଟା ନିଆଁ ଜଳିବା ଦ୍ୱାରା ନିକଟରେ ଥିବା କୁଶମାଟି, ଛଣଘର ଗ୍ରାମବାସୀ ଆତଙ୍କିତ ହୋଇ ପଡିଥିଲେ। ଏହାକୁ ନେଇ ଡିପୋ ମୁଖ୍ୟ ଗେଟ୍ ନିକଟରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖା ଦେଇଥିଲା। ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଗ୍ରାମବାସୀ ପ୍ରତିବାଦ କରିଥିଲେ। କେତେଜଣ ଗ୍ରାମବାସୀ ଓ ଡିପୋ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ମିଟରିଂ ୟୁନିଟ୍‌ରେ ନିଆଁ ଲାଗି ଏହାର କେବୁଲଗୁଡିକ ହୁତୁହୁତୁ ହୋଇ ଜଳିଥିଲା। ପ୍ରଥମେ ଡିପୋ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଡିପୋରେ ମହଜୁଦ ରହୁଥିବା ହଜାର ହଜାର ଲିଟର ପେଟ୍ରୋଲ, ଡିଜେଲ ଓ କିରୋସିନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇଥାଏ। ଏଣୁ ସୁରକ୍ଷା ବ୍ୟବସ୍ଥା ଉପରେ ଆଇଓସିଏଲ୍ କର୍ତ୍ତୃପକ୍ଷ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁଶମାଟି ଛଣଘର ପଞ୍ଚାୟତର ସରପଞ୍ଚ ସୁନୀଲ ରାଉତରାୟ କହିଛନ୍ତି। ହେଲେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଆଇଓସିଏଲ୍‌ର ଅଧିକାରୀମାନେ ଏହା ଉପରେ ଗଣମାଧ୍ୟମକୁ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ। ଏ ନେଇ ଜଟଣୀ ସେସୁର ଆସିଷ୍ଟାଣ୍ଟ ଇଞ୍ଜିନିୟର ଏସ୍. ତ୍ରିପାଠୀ ପଚାରିବାରେ ଶର୍ଟସର୍କିଟ୍ ଯୋଗୁ ଏପରି ଅଗ୍ନିକାଣ୍ଡ ଘଟି ଥାଇ ପାରେ ବୋଲି ସେ କହିଥିଲେ।

**ନିକଟବର୍ତ୍ତୀ ଗ୍ରାମବାସୀ ଆତଙ୍କିତ**

■ ବାଘମାରୀରେ ରାମଲୀଳା

# ୫୦ଫୁଟର ରାବଣପୋଡ଼ି



ରାବଣ ପୋଡି ଦେଖିବାକୁ ଶତାଧିକ ଲୋକଙ୍କ ଗହଳି।

**ଖୋର୍ଦ୍ଧା ଅଫିସ,୨୬।୪:**

ବାଘମାରୀରେ ଗୁରୁବାର ୫ମ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ଫୁଟର ରାବଣପୋଡି ମୁଖ୍ୟ ଆକର୍ଷଣ ସାଜିଥିଲା। ଏ ଅବସରରେ ରଘୁନାଥ ଦେବ ନାଟ୍ୟ ସଂସଦର ସଭାପତି ଦାଶରଥି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଗବେଷକ ଗଣେଶ୍ୱର ସ୍ୱାଇଁ ଓ ମୁଖ୍ୟବକ୍ତା ରୂପେ ନୟାଗଡ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ୍ ଅବଦ୍ଦୁଲ ଖାଲିକ୍ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହିତ୍ୟ ଏକାଡେମୀର ନୟାଗଡ ଜିଲା ସଦସ୍ୟ ନିର୍ମଳ ଚନ୍ଦ୍ର ସୁରଦେଓ, ବ୍ୟଙ୍ଗକବି ଶ୍ରୀମାନ ସତ୍ୟ, ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ସମ୍ମାନିତ ଅତିଥି ରୂପେ ବେଗୁନିଆ ଗୋପବନ୍ଧୁ ହାଇସ୍କୁଲର ନଳିନୀକାନ୍ତ ପଣ୍ଡା, ବାଘମାରୀ ସରପଞ୍ଚ ଶଶୀ ବିଶ୍ୱାଳ, ସମିତିସଭ୍ୟ ସତ୍ୟବ୍ରତ ସିଂହାର, ସାମାଜିକ କର୍ମୀ ମାନସ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ପ୍ରମୁଖ ଯୋଗ ଦେଇଥିଲେ।

ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ଗୀତ ଓ ନୃତ୍ୟ ଆକାରରେ ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ମୁଖା ରାମଲୀଳା ଅନୁଷ୍ଠିତ ହୋଇଆସୁଛି। ତେବେ ବାଘମାରୀ ତଳସାହିର ରାମୟଣ ବେଶ୍ ଆକର୍ଷଣ। ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଆସୁଛି କାଷ୍ଠ ମୁଖାଧାରୀ ରାମଲୀଳା। ଆଧୁନିକ ଯନ୍ତ୍ରପାତି ବ୍ୟବହୃତ ନ ହୋଇ ଖୋଳ, ଗିନି ବାଦ୍ୟଯନ୍ତ୍ର ମାଧ୍ୟମରେ ଗୀତ ଓ ନୃତ୍ୟ ଆକାରରେ ଏହା ପରିବେଷଣ ହୋଇଥାଏ। ତାହା ପୁଣି ଶ୍ରୀରାମ ନବମୀରୁ ୯ ଦିନ ଧରି। ତେବେ ନିର୍ବାଚନ ଯୋଗୁ ଚଳିତବର୍ଷ କାର୍ଯ୍ୟକ୍ରମ ଏପଟସେପଟ ହୋଇଯାଇଛି। ରାମାୟଣର ବିଭିନ୍ନ ଚରିତ୍ର ମୁଣ୍ଡ (କାଷ୍ଠ ମୁଖା) ପରିଧାନ କରୁଥିବାରୁ ଏହାକୁ କାଷ୍ଠ ମୁଖାଧାରୀ ରାମଲୀଳା କୁହାଯାଏ। ହନୁମାନ, ବାଳୀ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ତାଡ଼କା, ଜଟାୟୁ, ମାୟା ମୃଗ ଆଦି ଚରିତ୍ରଙ୍କ ପାଇଁ ଭିନ୍ନ ଭିନ୍ନ କାଷ୍ଠ ମୁଖା ପିନ୍ଧି ଅଭିନୟ କରିଥାନ୍ତି। କିଛି ପାଳିଆ ଓ କଳାକାର ରାମାୟଣର ପୁରୁଣା ପୋଥିକୁ ସଙ୍ଗୀତ ଆକାରରେ ରାମ ନାଟକର ତାଳେ ତାଳେ ପରିବେଷଣ କରିଥାନ୍ତି। ବାଣଯୁକ୍ତ ଧନୁ ନାଟକରେ ଅଭିନୟ କରୁଥିବା ଚରିତ୍ରମାନେ ବ୍ୟବହାର କରିଥାନ୍ତି। ଯାତ୍ରାର ଅନ୍ତିମ ଗୁରୁବାର ରାତ୍ରିରେ ରାମଚନ୍ଦ୍ର ରାବଣ ବଧ ହୋଇଥିଲା। ତେବେ ରାବଣ ବଧ କରିବା ପୂର୍ବରୁ ୫୦ ଫୁଟର ଉଚ୍ଚତା ରାବଣକୁ ପ୍ରଥମେ ରାମଚନ୍ଦ୍ର ବାଣ ଦ୍ୱାରା ଅଗ୍ନି ସଂଯୋଗ କରିଥିଲେ। ପରେ ପ୍ରକୃତ ରାବଣକୁ ମଞ୍ଚରେ ବଧ କରିଥିଲେ।

### ପିପିଲି ଫ୍ଲାଇଂ ସ୍କ୍ୱାଡ୍‌ଙ୍କୁ ମାଡ଼ ଘଟଣା, ୨ ଅଟକ

**ପୁରୀ ଅଫିସ, ୨୬।୪**

ଇଲେକ୍ସନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟଙ୍କୁ ମାଡ଼ ମାରିବା ଘଟଣାରେ ପିପିଲି ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଘଟଣା ଦିନ ସେମାନଙ୍କ ସହିତ ଅନ୍ୟ କେଉଁମାନେ ଥିଲେ, ଘଟଣାର ସମ୍ପୂର୍ଣ୍ଣ ରୂପରେଖ କ’ଣ ଥିଲା ପୋଲିସ ଏ ନେଇ ସମ୍ପୃକ୍ତ ଦୁଇଜଣଙ୍କୁ ପଚରାଉଚରା କରୁଛି। ଫାର୍ମ ହାଉସ୍‌ରେ ଆଉ କେଉଁମାନେ ଥିଲେ, ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ କ’ଣ ଚାଲିଥିଲା ବୋଲି ପୋଲିସ ଅଟକଙ୍କୁ ପଚରାଉଚରା କରିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ପିପିଲି ବିଧାୟକ ପ୍ରାର୍ଥୀ ପ୍ରଦୀପ ମହାରଥୀଙ୍କ ଫାର୍ମ ହାଉସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍(ଏସ୍‌ଏସ୍‌ଟି) ଅଧିକାରୀମାନେ ଚଢ଼ାଉ କରିଥିଲେ। ମହାରଥୀ ନିଜେ ସେମାନଙ୍କୁ ମାଡ଼ ମାରିଥିବା ନେଇ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ରବି ନାରାୟଣ ପାତ୍ର ଅଭିଯୋଗରେ ଦର୍ଶାଇଥିଲେ। ଏହି ଘଟଣାରେ ପିପିଲି ବିଜେଡି ବିଧାୟକ ପ୍ରାର୍ଥୀ ମହାରଥୀ ୨୨ ତାରିଖରେ ଗିରଫ ହୋଇଥିଲେ।

### କବିରାଜଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୬।୪**

ଜଙ୍କିଆ ଥାନା ହୀରାପୁର ପଞ୍ଚାୟତ ଗୌଡିଆପଡା ଗାଁର କବିରାଜ ଭ୍ରମରବର ବଳିଆରସିଂଙ୍କ ଶୁକ୍ରବାର ପରଲୋକ ଘଟିଛି। ଗୁରୁବାର ଭ୍ରମରବର ଜଣେ ହାଡଭଙ୍ଗା ରୋଗୀଙ୍କୁ ସେକ ଦେଇଥିଲେ। ହେଲେ ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇ ପ୍ରାଣ ହରାଇଲେ। ମୃତଦେହକୁ ଗ୍ରାମ୍ୟ ପରିକ୍ରମା କରାଯାଇ ଶ୍ମଶାନରେ ସଂସ୍କାର କରାଯାଇଥିଲା।

### ଲିଫ୍ଟ ମାଗି ବାଇକ୍ ଚାଳକଙ୍କଠାରୁ ଲୁଟ୍, ୩ ଗିରଫ

**ଭୁବନେଶ୍ୱର,୨୬।୪ (ବ୍ୟୁରୋ)–** ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗି ବେକରେ ଛୁରି ଲଗାଇ ଲୁଟ୍ କରିବା ଘଟଣାରେ ଇନ୍‌ଫୋସିଟି ଥାନା ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଏକ ଛୁରି, ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଚୌଧୁରୀବଜାର ମଠସାହିର ବଣ୍ଟି ଘଡେଇ(୧୯), ମୁନା ଦାସ(୨୦) ଓ ଶେଖର ନାୟକ(୨୨)। ଏ ନେଇ ପୋଲିସ ଦଫା ୩୯୨ରେ ନଂ. ୮୬/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଗୁରୁବାର ରାତି ପ୍ରାୟ ୧୨ଟାରେ ୩ଜଣ ଦୁର୍ବୃତ୍ତ ନନ୍ଦନବିହାର ଛକ ନିକଟରେ ବାଇକ୍ ଖରାପ ହୋଇଥିବା ଅଭିନୟ କରିଥିଲେ। ଏହି ସମୟରେ ଜଣେ ବାଇକ୍ ଚାଳକ୍ ସେହି ବାଟ ଦେଇ ଯିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଲିଫ୍ଟ ମାଗିଥିଲେ। ପରେ ଉକ୍ତ ବାଇକ୍ ଚାଳକ ଜଣଙ୍କ ସେଠାରେ ରହିବା ପରେ କ’ଣ ହୋଇଛି ବୋଲି ପଚାରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ କୌଶଳକ୍ରମେ ବାଇକ ଚାଳକଙ୍କ ବେକରେ ଛୁରି ଲଗାଇ ଏକ ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଚନ୍ଦ୍ରଶେଖର ଥାନା ଅଭିମୁଖେ ଦ୍ରୁତଗତିରେ ଯାଇଥିଲେ। ଲୁଟର ଶିକାର ହୋଇଥିବା ବାଇକ୍ ଚାଳକ ଜଣଙ୍କ ବୁଦ୍ଧି ଖଟାଇ ତୁରନ୍ତ ପୋଲିସ ସହାୟତା ୧୦୦ ନଂ. କୁ ଫୋନ୍ କରିଥିଲେ। କଣ୍ଟ୍ରୋଲ ରୁମ୍ ପିସିଆର ୨୨କୁ ଜଣାଇ ଦେଇଥିଲା। ପିସିଆର ୨୨ର ପୋଲିସ କର୍ମଚାରୀମାନେ ଦୁର୍ବୃତ୍ତଙ୍କ ପିଛା କରି ସେମାନଙ୍କୁ ଜାଭିୟର ଛକ ନିକଟରେ କାବୁ କରିଥିଲେ। ସେମାନଙ୍କଠାରୁ ବାଇକ୍, ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲେ। ଏହି ଗ୍ୟାଙ୍ଗ୍ କଟକରେ ପ୍ରାୟ ସକ୍ରିୟ ରହିଥିଲେ। ବିଶେଷକରି ସେମାନେ ରାତିରେ ଭୁବନେଶ୍ୱର ଆସି ଲୁଟପାଟ୍ କରନ୍ତି। ଗ୍ୟାଙ୍ଗ୍‌ର ଲିଡର ଶେଖର ନାୟକ। ତାଙ୍କ ନାମରେ ପୁରୀଘାଟ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ଭୁବନେଶ୍ୱରରେ କେଉଁ କେଉଁ ଲୁଟ୍‌ରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

### ବିବେକାନନ୍ଦ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୨୬।୪**

ଚକ୍ରଧରପୁର ବିବେକାନନ୍ଦ ବିଦ୍ୟାମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲୁଗାଁ ବନଖଣ୍ଡ ଅଧିକାରୀ କେଦାର ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଆନନ୍ଦ ଚନ୍ଦ୍ର ଭୋଳ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଓ ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବକ୍ତାମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସନାତନ ମହାନ୍ତି ବାର୍ଷିକ ବିବରଣୀ, ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ବାରିକ ସ୍ୱାଗତଭାଷଣ ଓ ସସ୍ମିତା ବଡ଼ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୫୪୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କାଉଟ୍ ଶିକ୍ଷକ ଅରୁଣ ନାୟକଙ୍କ ନେତୃତ୍ୱରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ରମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।





ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ପୂରଣ ହେଉନି ବନ କର୍ମଚାରୀ ପଦବୀ

**ବୋଲଗଡ଼,୨୬।୪(ଡି.ଏନ.ଏ.)**

ଖୋର୍ଦ୍ଧା ଅଧୀନ ବୋଲଗଡ଼ ଅଞ୍ଚଳରେ ଖାଲି ପଡିଥିବା ବନ କର୍ମଚାରୀ ପଦବୀ ପୂରଣ ହେଉ ନ ଥିବା ଅଭିଯୋଗ ହୋଇଛି। ବନପାଳ କାର୍ଯ୍ୟାଳୟ ଅଧୀନରେ ଥିବା ୬ଟି ବିଟ୍‌ହାଉସ୍ ନିମନ୍ତେ ଜଣେ ମାତ୍ର ବନରକ୍ଷୀ ପଦବୀ ରହିଛି। ସୂଚନାଯୋଗ୍ୟ, ବୋଲଗଡ଼ ଅଞ୍ଚଳରେ ରହିଛି ୬ଟି ଜଙ୍ଗଲ। ୬ ଜଙ୍ଗଲ ପାଇଁ ୬ ବିଟ୍‌ହାଉସ ଥିବାବେଳେ ୨ ବିଟ୍‌ହାଉସ ପାଇଁ ଗୃହ ନାହିଁ । ମାତ୍ର ଜଣେ ବନପାଳ ଓ ଜଣେ ଫରେଷ୍ଟ ଗାର୍ଡ(ବନରକ୍ଷୀ)ରେ ଦୀର୍ଘ ବର୍ଷ ଧରି କାମ ଚଳାଇ ଦିଆଯାଉଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ବଳକା ୫ଟି ଫରେଷ୍ଟ ବିଟ୍ ପାଇଁ ୫ ଜଣ ଗାର୍ଡଙ୍କ ପଦବୀ ପୂରଣ ହେଉନି। ତେଣୁ ଜଙ୍ଗଲ ସୁରକ୍ଷା ଓ ଏହାର ତଦାରଖ କିପରି ଚାଲିଛି ତାହା ଏଥିରୁ ସହଜରେ ଅନୁମାନ କରାଯାଇପାରେ। ଉପଯୁକ୍ତ ଫରେଷ୍ଟ ଗାର୍ଡ ଅଭାବ ଯୋଗୁ ଜଙ୍ଗଲରୁ କାଠ ଚୋରି ବୃଦ୍ଧିପାଉଛି। ଖରାଦିନେ ଜଙ୍ଗଲରେ ଯଦି ନିଆଁ ଲାଗେ ତେବେ ଏତେ କମ୍ ସଂଖ୍ୟକ କର୍ମଚାରୀଙ୍କ ପାଇଁ ଲିଭାଇବା କଷ୍ଟସାଧ୍ୟ ହୋଇପଡ଼ିବ। ବିଗତ ବର୍ଷଗୁଡିକର ଖରାଦିନେ ବହୁ ମୂଲ୍ୟବାନ ଗଛ ପୋଡ଼ିଯାଇଛି। ସୂଚନାଯୋଗ୍ୟ, ଗତ ୨ ବର୍ଷ ମଧ୍ୟରେ ପ୍ରାୟ ୩ ଶହ ହେକ୍ଟର ଜଙ୍ଗଲ ପୋଡ଼ିଯାଇଥିବା ଅନୁମାନ କରାଯାଉଛି। ବୋଲଗଡ଼ରେ ମାଣିବନ୍ଧ ରିଜର୍ଭ ଫରେଷ୍ଟ, ନାଗାପଲ୍ଲୀ ରିଜର୍ଭ ଫରେଷ୍ଟ, ପାଞ୍ଚଗଡ଼ ରିଜର୍ଭ ଫରେଷ୍ଟ, ବ୍ରହ୍ମଣୀଦେବୀ ଡିପିଏଫ୍, ଡୁବୁରୀ ଡିପିଏଫ୍ ଓ ମଣ୍ଡଳସିଂହ ଡିପିଏଫ୍ ଆଦି ମୋଟ ୨ହଜାର ୫ଶହ ୪୫ ହେକ୍ଟର ଜଙ୍ଗଲ ଅଞ୍ଚଳ ରହିଛି। ଉଲ୍ଲେଖଯୋଗ୍ୟ, ଉକ୍ତ ବନାଞ୍ଚଳ ମଧ୍ୟରେ ରହିଛି ମୁଣ୍ଡିଆପଡ଼ା ଏବଂ ମା’କୋଶଳାଶୁଣୀ ପର୍ଯ୍ୟଟନ ସ୍ଥଳ। ୨ ପର୍ଯ୍ୟଟନ ସ୍ଥଳ ଓ ପ୍ରାକୃତିକ ପରିବେଶ ଯୋଗୁ ଏହାର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏ ସମ୍ପର୍କରେ ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ କୁହନ୍ତି, କର୍ମଚାରୀ ଅଭାବ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ପ୍ରତି ଆମେ ଯଥା ସମ୍ଭବ ଗୁରୁତ୍ୱ ଦେଉଛୁ । ଏଥିପାଇଁ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ସହଯୋଗ ନେଉଛୁ ବୋଲି ସେ କହିଛନ୍ତି।

**୬ ବିଟ୍‌ହାଉସ ପାଇଁ ଅଛନ୍ତି ଜଣେ ବନପାଳ, ଜଣେ ଫରେଷ୍ଟ ଗାର୍ଡ**



ଜଙ୍ଗଲ ଜଗିବାକୁ କର୍ମଚାରୀ ଅଭାବ ଥିବାରୁ ବଡ ବଡ ଗଛକୁ ଲୋକେ କାଟି ନେଇ ଯାଇଛନ୍ତି।

